ସାପ୍ତାହିକ
Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94

Vol.27 | Issue - 5 | 29 January - 04 February 2023 | Sambalpur | Page- 8 | Invitation Price Rs.10



## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୨୩ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୩ ପାଳନ ଅବସରରେ ମୁଁ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଏହି ପୁଣ୍ୟତିଥିରେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ଦେଶଭକ୍ତ ଓ ମହାମନିଷୀମାନଙ୍କର ଅତୁଳନୀୟ ତ୍ୟାଗ, ତପସ୍ୟା ଓ ବଳିଦାନକୁ ସସମ୍ମାନେ ସ୍ମରଣ କରିବା ସହ ଆମ ସମ୍ବିଧାନର ମହତ ଉଦ୍ଦେଶ୍ୟ, ମୂଲ୍ୟବୋଧ ପ୍ରତି ବିଶ୍ୱାସ ରଖି ଏକ ଆଦର୍ଶ ଦେଶ ଓ ରାଜ୍ୟ ଗଠନ ପାଇଁ ଆତ୍ମବିଶ୍ୱାସର ସହ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୨୩ ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସମ୍ବିଧାନର ମାର୍ଗ ଦର୍ଶନରେ ଏକ ସମୃଦ୍ଧ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ଆମର ମିଳିତ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆସନ୍ତୁ ଆଜିର ଦିନରେ ସଂକଳ୍ପ ନେବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ନବୀନ ପୁଣି ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ

ସମ୍ବଲପୁର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣିଥରେ ଦେଶର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମାନ୍ୟତା



ପାଇଛନ୍ତି । ନିଜ ରାଜ୍ୟରରେ ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସୂଚୀରେ ନବୀନ ଶୀର୍ଷସ୍ଥାନରେ ରହିଛନ୍ତି । ରାଜ୍ୟର ୭୩.୨% ଜନସାଧାରଣ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଜଣାଇଛନ୍ତି । 'ଇଣ୍ଡିଆ ଟୁଡେ' ପକ୍ଷରୁ ଅନୁଷ୍ଠିତ ସି-ଭୋଟର 'ମୁଡ୍ ଅଫ୍ ଦି ନେସନ୍' ସର୍ଭେରେ ନବୀନ ଏକ ନମ୍ବର ମୁଖ୍ୟମନ୍ତ୍ରୀ ମାନ୍ୟତା ପାଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ (୬୯.୨%) ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା (୬୮.୩%) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ୨୦୨୧ ଓ ୨୦୨୨ରେ ମଧ ନବୀନ ଶୀର୍ଷ ସ୍ଥାନରେ ରହିଥିଲେ ଏବଂ ଏବେ ୨୦୨୩ରେ ମଧ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୧ରେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ୫୧% ଜନସାଧାରଣ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ମାନ୍ୟତା ଦେଇଥିଲେ, ଏବେ ୨୦୨୩ରେ ଏହା ୨୨% ବୃଦ୍ଧି ପାଇ ୭୩.୨%ରେ ପହଞ୍ଚିଛି । ଦିଲ୍ଲୀ ଓ ପୁଡୁଚେରୀକୁ ମିଶାଇ ଦେଶର ୩୦ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଲୋକ ପ୍ରିୟତାକୁ ନେଇ ଏହି ସର୍ଭେ କରାଯାଇଥିଲା ।

୭ ପୃଷ୍ଠାରେ...



କଦଳୀ ଖାଇଲେ ବଢ଼ିବ ସ୍ୱପ୍ନ ସ୍ମରଣଶକ୍ତି



ଘରୋଇ ଉପାୟରେ ମଧୁମେହ ନିୟନ୍ତ୍ରଣ



ଔଷଧୀୟ ଗୁଣଭରା ଶଜନା ଫୁଲ



ସୌନ୍ଦର୍ଯ୍ୟ ରକ୍ଷାରେ ଲେମ୍ବୁ



ବହୁ ଉପକାରୀ ବେଲ



ହଳଦୀର ଉପକାରିତା

## ସମ୍ବଲପୁର ଠାରେ ୭୪ ତମ ସାଧାରଣତନ୍ତ୍ର ଦିବସ ପାଳିତ



ସମ୍ବଲପୁର: ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ନେଲସନ ମଣ୍ଡେଲା ଛକ ସ୍ଥିତ ରାଜରାସ୍ତାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିଲେ । ଜିଲ୍ଲା ସ୍ତରୀୟ ପ୍ୟାରେଡ ରେ ମୋଟ ୨୪ ଗୋଟି ପ୍ଲାଟୁନ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସ୍କୁଲ ଏବଂ କଲେଜ ସ୍ତରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ପରେ ମୁଖ୍ୟ ଅତିଥି ଜିଲ୍ଲା ମଣ୍ଡଳ କାରାଗାର, ନାରୀବନ୍ଦୀ ନିକେତନ, ଜିଲ୍ଲା ହସ୍ପିଟାଲ ଏବଂ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଶେଷରେ ମନ୍ତ୍ରୀ ଶ୍ରୀମତୀ ସାହୁ 'ଉତ୍ସର୍ଗ' ଅନୁଷ୍ଠାନ ଦ୍ୱାରା ଓଡିଶା ସାଂସ୍କୃତିକ ସମାଜ ସଭାଗୃହରେ ଆୟୋଜିତ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନନ୍ୟା ଦାସ, ଏସ୍.ପି ବି.ଗଙ୍ଗାଧର ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

## ସମ୍ବଲପୁରରେ ପଶ୍ଚିମ ଓଡିଶା କୃଷି ମେଳା






ସମ୍ବଲପୁର: ପଶ୍ଚିମ ଓଡିଶା ବିକାଶ ପରିଷଦ ଏବଂ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳିତ ଭାବେ ଫେଡେରେସନ ଅଫ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ସହଭାଗିତାରେ ପଶ୍ଚିମ ଓଡ଼ିଶା କୃଷି ମେଳା ୨୦୨୩ ଆୟୋଜିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧମରେ ଏହି ମେଳା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଅସିତ କୁମାର ତ୍ରିପାଠୀ, କୁଚିଣ୍ଡାର ବିଧାୟକ ଶ୍ରୀ କିଶୋର ଚନ୍ଦ୍ର ନାୟକ, ସମ୍ବଲପୁର, ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀମତୀ କୁମୁଦିନୀ ନାୟକ, ଉତ୍ତରାଞ୍ଚଳର ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଲେଇ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧୁରୀ, ସମ୍ବଲପୁର ଜିଲ୍ଲାପାଳ, ଡିଏମ୍, ଅନନ୍ୟା ଦାସ ଏବଂ ଅନ୍ୟାନ୍ୟ ଅଧିକାରୀ ଓ କୃଷକମାନେ ସାମିଲ ଥିଲେ । ଏହି ମେଳାରେ ମୋଟ ୧୦୦ରୁ ଅଧିକ ଷ୍ଟଲ୍ ରହିଛି ଯେଉଁଠାରେ ଆଗ୍ରି ଇଟ୍, ମିଲେଟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ଭାରୀ ଯନ୍ତ୍ରପାତିଗୁଡିକର ଲାଇଭ ପ୍ରଦର୍ଶନ ସାମିଲ ରହିଛି । ପଶ୍ଚିମ ଓଡିଶାର ୫ ଜଣ ପ୍ରଗତିଶୀଳ କୃଷକଙ୍କୁ କୃଷି ଓ କୃଷି କ୍ଷେତ୍ରରେ ନିଜର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା ।

## ଦୟାମଣି ବୃଦ୍ଧାଶ୍ରମରେ ସାଧାରଣତନ୍ତ୍ର ଦିବସ ପାଳିତ



ସମ୍ବଲପୁର: ସ୍ଥାନୀୟ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମ ଠାରେ ୭୪ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ଶ୍ରୀ ବେଣୁଧର ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପୂର୍ବତନ ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଡାକ୍ତର ଲକ୍ଷ୍ମୀନାରାୟଣ ରଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ କମ୍ପାନୀ ସେକ୍ରେଟାରୀ ଆସୋସିଏସନ ପକ୍ଷରୁ ଅନ୍ତେବାସୀ ମାନଙ୍କୁ ବେଡ଼ସିଟ୍ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ମଧ ବୃଦ୍ଧାଶ୍ରମ ପରିଦର୍ଶନରେ ଆସି ଅନ୍ତେବାସୀ ମାନଙ୍କୁ ଶାଢ଼ୀ ବଣ୍ଟନ କରିଥିଲେ । ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧର ଏବଂ ଜିଲ୍ଲା ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ମାନେ ମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ । ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ମାନେ ସଙ୍ଗୀତ ଗାନ କରି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।





## ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ପାନୀୟଜଳ ଯୋଗାଣ, ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାମେଶ୍ୱର ସ୍ଥିତ ଷ୍ଟାଡିୟମ୍‌ରେ ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ । ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଓ ଜିଲ୍ଲା ଆରକ୍ଷୀ



ଅଧିକ୍ଷକ ଅମରେଶ ପଣ୍ଡା ମଞ୍ଚରେ ଉପସ୍ଥିତ ଥିଲେ । ମନ୍ତ୍ରୀ ସ୍ଥାନୀୟ ଡାକ୍ତରଖାନାର ରୋଗୀମାନଙ୍କୁ ଏବଂ ଶିଶୁଗୃହର ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରିଥିଲେ ଓ ପରେପରେ ଢିଙ୍କି ଟିକିରା ଠାରେ ଜିଲ୍ଲା ବନ ବିଭାଗ ତରଫରୁ ନବନିର୍ମିତ ପଞ୍ଚବଟୀ ଉଦ୍ୟାନ ପ୍ରମୋଦ ଉଦ୍ୟାନ କୁ ଉଦଘାଟନ କରିଥିଲେ । ଉଦ୍ୟାନ ଲୋକାର୍ପଣ ଅବସରରେ ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ସୁପାର ଠେଲା, ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରୱଣେ,ବନଖଣ୍ଡ ଅଧିକାରୀ ନୀତିଶ କୁମାର, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ସି.ଡି.ଓ ତଥା ଇ ଓ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ଏସିଏଫ ପ୍ରଫୁଲ୍ଲ ଧରୁଆ, ତଥା ବନ ବିଭାଗର ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପରିଚାଳନା କରିଥିଲେ ।

## 'ନୀଳଚକ୍ର' ପକ୍ଷରୁ ବୀରସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ପାଳିତ

ସମ୍ବଲପୁର : ରାଜ୍ୟର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସଂଗଠନ 'ନୀଳଚକ୍ର' ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ହେମନ୍ତ







କୁମାର ମହାପାତ୍ର ମୁଖ୍ୟ ଅତିଥି ଓ ବରିଷ୍ଠ ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ବିନୋଦ ବିହାରୀ ନାଏକ, ଉଦ୍ୟୋଗପତି ବିଶାଳ ବଂଶଲ, ସମାଜସେବୀ ମୁକେଶ ଲୋହିଆ, ଶିକ୍ଷାବିତ୍ ରବିନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ଭାରତୀୟ ସେନାବାହିନୀର ଅଧିକାରୀ ରବିନ୍ଦ୍ର କୁମାର ପଧାନ, ଝାରସୁଗୁଡ଼ା ଜିଲ୍ଲା ବଡ଼ମାଳ ଥାନାରେ କାର୍ଯ୍ୟରତ ମହିଳା ଏ.ଏସ୍.ଆଇ ଶ୍ରୀମତୀ ବାସନ୍ତୀ ନାୟକ, ଯୁବ ଉଦ୍ୟୋଗ ପତି ବିଶାଲ ବଂଶଲ ଅମରେନ୍ଦୁ ଦାଶ, ଦେବାଶିଷ ସାହୁ, ଚତୁର୍ଭୁଜ ଗଡ଼ତିଆ, ଭକ୍ତପ୍ରସାଦ ପଣ୍ଡା, ରବିନାରାୟଣ ପଣ୍ଡା, ଜୟରାମ ପଧାନ, ଜୀବର୍ଦ୍ଧନ ରାଉତ, ସଚ୍ଚିଦାନନ୍ଦ ପ୍ରଧାନ ଓ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ମାନୀନୀ ପଣ୍ଡା ଓ ଧରିତ୍ରୀ ମହାପାତ୍ର ସହଯୋଗ କରିଥିଲେ ।

# ପରମ ଶିଷ୍ୟ ଏକ ନାଥ

ଏହି ଜଗତରେ ଗୁରୁଙ୍କ ସମାନ କେହି କୃପାଳୁ, ଦୟାଳୁ, ଉପକାରୀ ନାହାନ୍ତି । ତାଙ୍କ କୃପା ବିନା ସଦ୍‌ଜ୍ଞାନ, ବ୍ରହ୍ମଜ୍ଞାନର ପ୍ରାପ୍ତି ସମ୍ଭବ ନୁହେଁ । ତାଙ୍କ କୃପା ବିନା ଭଗବଦର୍ଶନ ସମ୍ଭବ ନୁହେଁ । ଯଦି ତାଙ୍କର କୃପା ହୋଇଯାଏ ତ ଶିଷ୍ୟ ପାଇଁ ଅସମ୍ଭବ ମଧ ସମ୍ଭବ ହୋଇଯାଏ । ତାଙ୍କ କୃପାରୁ ଶିଷ୍ୟକୁ ବ୍ରହ୍ମଜ୍ଞାନର ପ୍ରାପ୍ତି ହୋଇଯାଏ । ତାଙ୍କ କୃପା ହେଲେ ଶିଷ୍ୟ ନିର୍ଗୁଣ, ନିରାକାର ବ୍ରହ୍ମଙ୍କୁ ମଧ ସଗୁଣ-ସାକାର ରୂପେ ପ୍ରାପ୍ତ କରିନିଏ । ସେ ଗୁରୁକୃପାରୁ ଭଗବଦ୍ ପ୍ରାପ୍ତି, ଭଗବଦର୍ଶନ କରିପାରେ ।

ସେହି ଗୁରୁଙ୍କର କୃପା କିପରି ବଖାଣି ହେବ, ଯିଏ ଶିଷ୍ୟ ଉପରେ କେବଳ କୃପା ହିଁ କରନ୍ତି ନାହିଁ, ବରଂ ଶିଷ୍ୟକୁ ବି ନିଜ ସମାନ କରିଦିଅନ୍ତି । ଯେପରି ସାଗରରେ ମିଶି ନଦୀଗୁଡ଼ିକ ବି ସାଗର ହୋଇଯାନ୍ତି, ସେହିପରି ବ୍ରହ୍ମସ୍ୱରୂପ ଗୁରୁଙ୍କୁ ପାଇ, ତାଙ୍କ ମାର୍ଗଦର୍ଶନରେ ସାଧନା କରି, ତପ କରି ଶିଷ୍ୟ ମଧ ସମୁଦ୍ର ରୂପ ହୋଇଯାଏ, ବ୍ରହ୍ମ ରୂପ ହୋଇଯାଏ । ସରିତା ଓ ସାଗର ଦୁହେଁ ଏକ ରୂପ ହୋଇଯାନ୍ତି । ସେହିପରି ଶିଷ୍ୟ ଓ ଗୁରୁ ଦୁହେଁ ଏକରୂପ ହୋଇଯାନ୍ତି । ଗୁରୁଙ୍କ ବ୍ୟତୀତ ଶିଷ୍ୟ ଉପରେ ଏପରି କୃପା ଭଲା ଆଉ କିଏ କରି ପାରିବ ? ସେଥିପାଇଁ ତ ସନ୍ଥ କବୀର କହିଛନ୍ତି –

ଗୁରୁ ଗୋବିନ୍ଦ ଦୋଉ ଖଡ଼େ,
କାକେ ଲାଗୁଁ ପାଁୟ୍ ।
ବଲିହାରୀ ଗୁରୁ ଆପନେ,
ଗୋବିନ୍ଦ ଦିୟୋ ବତାୟ୍ ।
ଗୁରୁ ପାରସ କୋ ଅନ୍ତରୋ,
ଜାନତ ହୈ ସବ ସଂତ ।
ଏହ ଲୋହା କଂଚନ କରେ, ୟେ
କରି ଲେୟ୍ ମହଂତ ।

ଅର୍ଥାତ୍ ଗୁରୁ ଓ ଗୋବିନ୍ଦ ଏକାଠି ଠିଆ ହୋଇଥିଲେ କାହାକୁ ପ୍ରଣାମ କରିବା ଉଚିତ – ଗୁରୁଙ୍କୁ ଅଥବା ଗୋବିନ୍ଦଙ୍କୁ ? ଏଭଳି ସ୍ଥିତିରେ ଗୁରୁଙ୍କ ଶ୍ରୀଚରଣରେ ମୁଣ୍ଡ ନୁଆଁଇବା ଉତ୍ତମ କାରଣ ଗୁରୁଙ୍କ କୃପା ପ୍ରସାଦ ଦ୍ୱାରା ହିଁ ଶିଷ୍ୟକୁ ଗୋବିନ୍ଦଙ୍କ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ସେହି ଗୁରୁଙ୍କ ମହାନତାର ଥଳକୂଳ ପାଇବା ସମ୍ଭବ ନୁହେଁ, ଯିଏ ଶିଷ୍ୟକୁ ବି ନିଜ ସମାନ ମହାନ୍ କରି ଦିଅନ୍ତି । ଗୁରୁ ଓ ପରଶମଣିର ଅନ୍ତରକୁ ସମସ୍ତ ଜ୍ଞାନୀ ପୁରୁଷ ଜାଣନ୍ତି । ପରଶମଣି ବିଷୟରେ ସାରା ଜଗତ ଜାଣିଛି ଯେ ପରଶମଣିର ସ୍ପର୍ଶରେ ଲୁହା ସୁନା ହୋଇଯାଏ, କିନ୍ତୁ ଗୁରୁ ଏଭଳି ପାରସ ଅଟନ୍ତି ଯିଏ ଶିଷ୍ୟକୁ ସୁନା ନୁହେଁ, ବରଂ ନିଜ ସମାନ ପରଶମଣି କରିଦିଅନ୍ତି ଅର୍ଥାତ୍ ମହାନ୍ କରିଦିଅନ୍ତି । ତାଙ୍କୁ ବ୍ରହ୍ମଜ୍ଞାନର ଅମୃତ ପିଆଇ, ତା'ର ଭଗବଦର୍ଶନର ମାର୍ଗ ପ୍ରଶସ୍ତ କରି ନିଜ ସମାନ କରି ନିଅନ୍ତି ।

ଯେଉଁ ଲୋକମାନଙ୍କୁ ଏଭଳି ସଦ୍‌ଗୁରୁଙ୍କ ଶରଣକୁ ଆସିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି, ପ୍ରକୃତରେ ସେମାନେ ସୌଭାଗ୍ୟଶାଳୀ । ଭାରତବର୍ଷର ଆଧାତ୍ମିକ ଇତିହାସ ଏପରି ସଦ୍‌ଗୁରୁ ଓ ଏପରି ସୌଭାଗ୍ୟଶାଳୀ ଶିଷ୍ୟମାନଙ୍କ ଦ୍ୱାରା ଭରି ରହିଛି । ସନ୍ଥ ଏକନାଥ ମଧ ସେହି ସୌଭାଗ୍ୟଶାଳୀ ଶିଷ୍ୟମାନଙ୍କ ମଧରୁ ଜଣେ, ଯାହାଙ୍କୁ ଜନାର୍ଦ୍ଦନ ସ୍ୱାମୀଙ୍କ ରୂପେ ଭଗବଦ୍ ସ୍ୱରୂପ ବ୍ରହ୍ମଜ୍ଞାନୀ ଗୁରୁଙ୍କ ଶରଣକୁ ଆସିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ଏବଂ ଗୁରୁକୃପାରୁ ଭଗବଦର୍ଶନ କରିବାର ସୌଭାଗ୍ୟ ମିଳିଥିଲା, କିନ୍ତୁ ଯଦି ଏକନାଥଙ୍କ ପରି ସଚ୍ଚା ଶିଷ୍ୟ ଓ ଗୁରୁଭକ୍ତ ଥିବେ, ତେବେ ତାଙ୍କୁ ଜନାର୍ଦ୍ଦନ ସ୍ୱାମୀଙ୍କ ଭଳି ସଦ୍‌ଗୁରୁଙ୍କ ପ୍ରାପ୍ତି ନ ହେବ ବା କାହିଁକି ?

ଏକନାଥ ପିଲାଦିନରୁ ହିଁ ଭଗବାନଙ୍କ ପ୍ରତି ଅଗାଧ ଶ୍ରଦ୍ଧା ଓ ଅନୁରାଗ ରଖୁଥିଲେ ବା କହିବାକୁ ଗଲେ ଭଗବଦ୍ ଭକ୍ତିର ପୁଣ୍ୟ ସଂସ୍କାର ତାଙ୍କୁ ଜନ୍ମରୁ ହିଁ ପ୍ରାପ୍ତ ହୋଇଥିଲା । ସ୍ନାନ, ସନ୍ଧ୍ୟା, ଭଗବଦ୍ ଭଜନ, ପୂଜନ, ଧାନ ଓ ଶାସ୍ତ୍ର ଶ୍ରବଣରେ ତାଙ୍କର ବହୁତ ପ୍ରୀତି ଥିଲା । ନିଜର ଆଧାତ୍ମିକ ଦିନଚର୍ଯ୍ୟା କାରଣରୁ ତାଙ୍କର ଭଗବଦ୍ ଭକ୍ତି ପ୍ରଗାଢ଼ ହୋଇଗଲା, ଯେଉଁଥିରେ ପ୍ରଭାବିତ ହୋଇ ସର୍ବଜ୍ଞ, ସର୍ବବ୍ୟାପୀ ପ୍ରଭୁ ତାଙ୍କୁ ଜନାର୍ଦ୍ଦନ ସ୍ୱାମୀଙ୍କ ଭଳି ସଦ୍‌ଗୁରୁଙ୍କ ଶରଣ ପାଇବାର ସୌଭାଗ୍ୟ ପ୍ରଦାନ କଲେ । ଏକନାଥଙ୍କ ପାଇଁ ତାଙ୍କ ଗୁରୁ ହିଁ ସବୁ କିଛି ଥିଲେ । ସେ କହୁଥିଲେ-

'ଗୁରୁ ହିଁ ମାତା, ଗୁରୁ ହିଁ ପିତା ଓ ଗୁରୁ ହିଁ ଆମର କୁଳଦେବ । ମହାନ୍ ସଂକଟ ପଡ଼ିଲେ ଆଗରେ ଓ ପଛରେ ସେ ହିଁ ଆମର ରକ୍ଷା କରିଥାନ୍ତି । ଏହି କାୟା, ବାକ୍ ଓ ମନ ତାଙ୍କରି ଚରଣରେ ଅର୍ପିତ । ଏକମାତ୍ର ଜନାର୍ଦ୍ଦନଙ୍କ ଶରଣରେ ଅଛି । ଏକମାତ୍ର ଜନାର୍ଦ୍ଦନ ହିଁ ଗୁରୁ ।''

ଜନାର୍ଦ୍ଦନ ସ୍ୱାମୀଙ୍କୁ ଶ୍ରୀଦତ୍ତ ଭଗବାନଙ୍କର ଦର୍ଶନ ହୋଇଥିଲା ଏବଂ ତାଙ୍କୁ ଭଗବାନଙ୍କର ନିତ୍ୟ ଦର୍ଶନ ହେଉଥିଲା । ଏକନାଥଙ୍କ ଭଗବଦ୍ ଭକ୍ତି ଓ ଗୁରୁଭକ୍ତିକୁ ଦେଖି ଜନାର୍ଦ୍ଦନ ସ୍ୱାମୀ ବଡ଼ ପ୍ରସନ୍ନ ହୋଇଥିଲେ ଏବଂ ତାଙ୍କୁ ବଡ଼ ପ୍ରେମରେ ନିଜ ପାଖରେ ରଖୁନେଲେ । ଏକନାଥ ଲଗାଏତ ଛଅ ବର୍ଷ ବଡ଼ ଭକ୍ତିଭାବରେ ଜନାର୍ଦ୍ଦନ ସ୍ୱାମୀଙ୍କର ସେବା କଲେ ଏବଂ ତାଙ୍କ ଅନୁଗ୍ରହର ପୂର୍ଣ୍ଣ ପାତ୍ର ହେଲେ । ଏକ ନାଥ ଭଗବାନଙ୍କୁ ମନେ ମନେ ପ୍ରାର୍ଥନା କରୁଥିଲେ- ହେ ପ୍ରଭୁ ! ଗୁରୁସେବା କରିବା ପାଇଁ ମୋତେ ଏତେ ସାମର୍ଥ୍ୟ ଦିଅନ୍ତୁ, ଯେପରି ସବୁ ଚାକର-ସେବକଙ୍କ କାମ ମୁଁ ଏକାକୀ କରି ପାରିବି । ଗୁରୁଙ୍କ ସନ୍ତୋଷ ହିଁ ତାଙ୍କର ସନ୍ତୋଷ ଥିଲା । ଗୁରୁଙ୍କ ଶବ୍ଦ ହିଁ ତାଙ୍କ ପାଇଁ ଶାସ୍ତ୍ର ଥିଲା । ଗୁରୁଙ୍କ ମୂର୍ତ୍ତି ତାଙ୍କର ପରମେଶ୍ୱର ଓ ଗୁରୁଙ୍କ ଘର ତାଙ୍କର ସ୍ୱର୍ଗ ଥିଲା । ଏହି ପରମ ଶୁଦ୍ଧ ଭାବନାରେ ସେ ଗୁରୁଙ୍କର ଅଖଣ୍ଡ ସେବା କରୁଥିଲେ । ଗୁରୁସେବାକୁ ହିଁ ସେ ପରମ ଧର୍ମ ମାନିଲେ ଏବଂ ଜାଗୃତି, ସୁଷୁପ୍ତି ଓ ସ୍ୱପ୍ନ- ତିନି ଅବସ୍ଥାରେ ଗୁରୁଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ଚିନ୍ତନ କଲେ ନାହିଁ ।

ଏହିପରି ଗୁରୁଙ୍କ ସେବା କରି କରି ଏକନାଥଙ୍କର ସମସ୍ତ ମନୋବିକାର ସମାପ୍ତ ହୋଇଗଲା । ରାଗ-ଦ୍ୱେଷ, ଲୋଭ-ମୋହ ଆଦି ରିପୁ ଶରୀର ଛାଡ଼ି ଚାଲିଗଲା । ତାଙ୍କ ଇନ୍ଦ୍ରିୟଗୁଡ଼ିକ ବାସନା ରହିତ ଓ ଶରୀର ତେଜୋମୟ ହୋଇଗଲା ଏବଂ ଏହା ସହିତ ତାଙ୍କର ଦେହାଭିମାନ ମଧ ଶୂନ୍ୟ ହୋଇଗଲା । ଏ ପ୍ରକାର ଗୁରୁସେବା ଦ୍ୱାରା ତାଙ୍କର ଚିତ୍ତଶୁଦ୍ଧି ହୋଇଗଲା ଏବଂ ସେ ଗୁରୁପ୍ରସାଦ ପ୍ରାପ୍ତ ହେଲେ । ଏଭଳି ଶିଷ୍ୟବୃତ୍ତି ସହିତ ରହି ସେ ସାକ୍ଷାତ୍ ଗୁରୁ ମୁଖରୁ ଜ୍ଞାନେଶ୍ୱରୀ, ଅମୃତାନୁଭବ ଓ ଶ୍ରୀମଭାଗବତ ଆଦି ଗ୍ରନ୍ଥ ଶୁଣିଲେ ଏବଂ ତଦ୍ୱାରା ତାଙ୍କର ଆତ୍ମବୋଧ ଜାଗ୍ରତ ହୋଇଗଲା । ଗୁରୁ ସେବା, ଗୁରୁ ପ୍ରେମରେ ସେ ଏପରି ବୁଡ଼ିଗଲେ ଯେ ସ୍ତ୍ରୀ, ପୁତ୍ର, ଧନ, ଏପରିକି ନିଜର ମନକୁ ମଧ ଭୁଲିଗଲେ, କିଏ ବୋଲି ତାଙ୍କର ଧାନ ମଧ ରହିଲା ନାହିଁ । ତାଙ୍କର ଦୃଢ଼ ଭାବନା ଥିଲା ଯେ ସର୍ବଜ୍ଞ, ସର୍ବବ୍ୟାପୀ, ସର୍ବସାକ୍ଷୀ ପରମାତ୍ମା ହିଁ ଜନାର୍ଦ୍ଦନ ସ୍ୱାମୀଙ୍କ ରୂପେ ପ୍ରକଟ ହୋଇଛନ୍ତି ଏବଂ ଏହି ଦୃଢ଼ ଭାବନାକୁ ଧାରଣ କରି ସେ ସର୍ବଦା ନିଜର ଗୁରୁ ଜନାର୍ଦ୍ଦନ ସ୍ୱାମୀଙ୍କର ଧାନ କରୁଥିଲେ ଏବଂ ତାଙ୍କର ମାନସ ପୂଜା କରୁଥିଲେ । ଶେଷରେ ଏକନାଥ ଗୁରୁକୃପାରୁ ଆତ୍ମଦୃଷ୍ଟି ପାଇ ନିଜ ନେତ୍ରରେ ଶ୍ରୀଦତ୍ତ ଭଗବାନଙ୍କ ଦିବ୍ୟ ଦର୍ଶନ କରି ପାରିଲେ । ପ୍ରକୃତରେ ସଚ୍ଚା ଗୁରୁଭକ୍ତି ଥିଲେ ଶିଷ୍ୟକୁ ଗୁରୁକୃପା ଅବଶ୍ୟ ପ୍ରାପ୍ତ ହୋଇଥାଏ ଏବଂ ଗୁରୁକୃପାରୁ ଭଗବଦ୍ଦର୍ଶନ କରି ପାରିବା ମଧ ସମ୍ଭବ ହୋଇଯାଏ । ବାସ୍ତବରେ ଗୁରୁଙ୍କ ସମାନ ଉପକାରୀ କେହି ନାହାନ୍ତି ।

# ବେଲ ଥାଉଁ ବନ୍ଧ ବାନ୍ଧରେ କୁମର

**ପ୍ରଫୁଲ୍ଲ କୁମାର ମାଝୀ**

ବିଭିନ୍ନ ସମୟରେ ଆମେ ପାର୍ବତ୍ୟ ଅଞ୍ଚଳ ଭ୍ରମଣ କରିବାର ସୁଯୋଗ ପାଇଥାଉ । ଏହି ସମୟରେ ଆମର ଦୃଷ୍ଟିଗୋଚର ହୁଏ ପାହାଡ଼କୁ କଟାଯାଇ ଚାଷ କରାଯାଉଥିବାର ଏବଂ ଘର ନିର୍ମାଣ କରାଯାଉଥିବାର ଦୃଶ୍ୟ । ଦେଖି ଆଶ୍ଚର୍ଯ୍ୟ ଲାଗେ ଯେ ଏତେ ଉଚ୍ଚରେ ଥାଇ ମଧ ଘରମାନଙ୍କରେ ଚାରିପଟ ପାଚେରୀ ନଥାଏ ଏବଂ ପିଲାମାନେ ନିର୍ବିଘ୍ନରେ କ୍ରୀଡ଼ାରତ ଥାଆନ୍ତି । ପ୍ରାୟ ପ୍ରତ୍ୟେକ ଘର ପଛ ପଟେ ଏକ ପାଚେରୀ ରହିଥିବାର ମଧ ଦେଖାଯାଏ । ଏହାର କାରଣ ହେଉଛି ଯଦି ପାହାଡ଼ ଉପରୁ ମାଟି ଅତଡ଼ା କିମ୍ବା ପଥର ଖସେ ତା' ହେଲେ ଏହା ଘର ଉପରେ କୌଣସି ବିପଦ ସୃଷ୍ଟି କରିବ ନାହିଁ । ପ୍ରାୟ ପ୍ରତ୍ୟେକ ପାର୍ବତ୍ୟ ଅଞ୍ଚଳରେ ଏହି ସବୁ ଦେଖିବାକୁ ମିଳେ ଏବଂ ଯେହେତୁ ଆମେ ସମତଳ ଅଞ୍ଚଳ ବାସିନ୍ଦା ଆମକୁ ସାମାନ୍ୟ ଖାପଛଡ଼ା ମଧ ଲାଗେ । କିନ୍ତୁ ଏହା ଅସ୍ୱାଭାବିକ ନୁହେଁ । ପାର୍ବତ୍ୟ ଓ ସମତଳ ଅଞ୍ଚଳର ବାସିନ୍ଦାଙ୍କ ଜୀବନଯାପନ ଶୈଳୀ ସମାନ ନୁହେଁ । ଆଜି ଯେତେବେଳେ ଉତ୍ତରାଖଣ୍ଡର ଯୋଶୀମଠ ଧିରେ ଧିରେ ଧ୍ୱଂସାଭିମୁଖୀ ହେବାରେ ଲାଗିଛି ଏଭଳି ଏକ ତୁଳନାତ୍ମକ ଅଧ୍ୟୟନର ଆବଶ୍ୟକତା ରହିଥିବାର ମନେ ହୁଏ । ପ୍ରଥମେ ଦେଖିବା ସଂପ୍ରତି ଉତ୍ତରାଖଣ୍ଡ ରାଜ୍ୟର ଯୋଶୀମଠ, ବହୁଗୁଣାନଗର, କର୍ଣ୍ଣ ପ୍ରୟାଗ ଓ ଅନ୍ୟାନ୍ୟ ସହରର ଘରମାନଙ୍କରେ ଯେଉଁ ଫାଟ ସୃଷ୍ଟି ହୋଇ ମାଟି ତଳକୁ ଚାଲି ଯାଉଛି ଏହାର କାରଣ କ'ଣ ହୋଇପାରେ ।

ଆମେ ପ୍ରାୟ ସମସ୍ତେ ଜାଣୁ ଯେ କିଛି ବର୍ଷ ଆଗରୁ ଉତ୍ତରପ୍ରଦେଶ ରାଜ୍ୟକୁ ବିଭାଜନ ପୂର୍ବକ ଉତ୍ତରାଖଣ୍ଡ ରାଜ୍ୟ ଗଠନ କରାଯାଇ ଦେହେରାଦୁନକୁ ଏହାର ରାଜଧାନୀ କରାଯାଇଛି । ନୂତନ ରାଜ୍ୟ ଗଠନ ହେବା ପରେ ଏହା ନିଶ୍ଚିତ ଯେ ନିର୍ବାଚିତ ସରକାର ବିକାଶକୁ ଆଖି ଆଗରେ ରଖି ବିଭିନ୍ନ ଯୋଜନା ହାତକୁ ନେବ । ଉତ୍ତରାଖଣ୍ଡ କ୍ଷେତ୍ରରେ ଏହା ହିଁ ହୋଇଛି । ଏଠି ଏହା ଉଲ୍ଲେଖନୀୟ ଯେ ଦେବଭୂମି କୁହାଯାଉଥିବା ଉତ୍ତରାଖଣ୍ଡ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ପାଇଁ ପ୍ରଶସ୍ତ ସୁଯୋଗ ରହିବା ସହିତ ସାମରିକ ଦୃଷ୍ଟିକୋଣରୁ ମଧ ଏହାର ମହତ୍ତ୍ୱ ରହିଛି । ଚୀନ୍ ସୀମା ସହିତ ଏହା ସଂଲଗ୍ନ ଥିବାରୁ ସାମରିକ ବାହିନୀର ଚଳାଚଳ ପାଇଁ ଉପଯୁକ୍ତ ରାସ୍ତାଘାଟର ଆବଶ୍ୟକତା ରହିଛି । ତେଣୁ ନୂତନ ପ୍ରଦେଶ ଗଠନ ପରେ ଏସବୁ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଗୋଟିଏ ପଟେ ରହିଛି ପ୍ରକୃତି ଏବଂ ଅନ୍ୟ ପଟେ ରହିଛି ବିକାଶ । ଏଠି ସ୍ୱତଃ ପ୍ରଶ୍ନ ଉଠେ, ଆମେ ପ୍ରକୃତି ଓ ପରିବେଶ ବଞ୍ଚେଇବା ନା ବିକାଶ କରିବା । ପ୍ରଥମେ ଆମେ ମନେ ରଖିବା ଉଚିତ୍ ଯେ ପାର୍ବତ୍ୟ ଅଞ୍ଚଳ ଏବଂ ସମତଳ ଅଞ୍ଚଳର ବିକାଶ ଏକା ଭଳି ହୋଇପାରିବ ନାହିଁ । ଉଭୟଙ୍କୁ ବିକାଶ ତ ଦରକାର ହେଲେ ଦିଗ ଅଲଗା ହିଁ ହେବ । ପାର୍ବତ୍ୟ ଅଞ୍ଚଳରେ ବିକାଶ ନାଁରେ ଗଛ କାଟି ଚାଲିବା, ଜଙ୍ଗଲ ଧ୍ୱଂସ କରିବା, ଟନେଲ୍ କରିବା, ପଥର ଫଟେଇ ରାସ୍ତାଘାଟ ନିର୍ମାଣ କରିବା ଆତ୍ମଘାତୀ ହୋଇପାରେ । ଯେହେତୁ ଗଛ ମାଟିକୁ ଧରି ରଖେ ଏହାକୁ କାଟିବା ଦ୍ୱାରା ମାଟି ଓ ପଥର ଖସିବାର ସମ୍ଭାବନା ବଢ଼ିଯିବ ଏଥିରେ ସନ୍ଦେହ ନାହିଁ । ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟ ଅଞ୍ଚଳରେ ଏହି ସମସ୍ୟା ଆହୁରି ଜଟିଳ ହୋଇପଡ଼ିବ । ତେଣୁ ବିକାଶ ହେବ ନା ନାହିଁ, ସରକାର କିମ୍ବା ପ୍ରଶାସନ ଏବଂ ନ୍ୟାୟପାଳିକା ମଧରେ ଏହା ଏକ ଯୁକ୍ତିତର୍କର ପ୍ରସଙ୍ଗ ନୁହେଁ । ବରଂ ଅଂଚଳକୁ ଦେଖି ପରିବେଶବିତ୍‌ମାନଙ୍କ ସହ ଉପଯୁକ୍ତ ପରାମର୍ଶପୂର୍ବକ ସଠିକ୍ ନିଷ୍ପତ୍ତି ନେବା ଶ୍ରେୟସ୍କର ମନେ ହୁଏ । ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ ସାଧାରଣତଃ କେହି ନିଜ ଦୋଷ ସ୍ୱୀକାର କରି ନଥାନ୍ତି । ସରକାର କହିବେ ବିକାଶର ଆବଶ୍ୟକତା ରହିଛି । ପରିବେଶବିତ୍ ମାନେ କହିବେ ଆମ ସହିତ ଉପଯୁକ୍ତ ପରାମର୍ଶ କରାଯାଇ ନାହିଁ । କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତି ବିଶେଷ କିମ୍ବା କମ୍ପାନୀ କହିବେ ଆମ ତରଫରୁ କିଛି ଭୁଲ୍ ହୋଇ ନାହିଁ । କିନ୍ତୁ ଏଭଳି ଯୁକ୍ତିତର୍କ ଅପେକ୍ଷା ଆତ୍ମସମୀକ୍ଷାର ଆବଶ୍ୟକତା ବେଶୀ ମାତ୍ରାରେ ରହିଛି ।

ଏହି ସମସ୍ୟାର ଆଉ ଏକ ମୁଖ୍ୟ କାରଣ ହେଉଛି ଦ୍ରୁତ ସହାରୀକରଣ । ପଚାଶ କିମ୍ବା ଶହେ ବର୍ଷ ଆଗରୁ କର୍ଣ୍ଣ ପ୍ରୟୋଗ, ବହୁଗୁଣାନଗର ଏବଂ ଯୋଶୀମଠ ନିଶ୍ଚିତ ଭାବରେ ଚାରି-ପାଞ୍ଚ ହଜାର ଜନସଂଖ୍ୟା ବିଶିଷ୍ଟ ଏକ ଏକ ଜନବସତି ହୋଇଥାଇପାରେ । କିନ୍ତୁ ସଂପ୍ରତି ଏହି ସବୁ ଜନବସତି ପଚିଶରୁ ପଚାଶ ହଜାର ଜନସଂଖ୍ୟା ବିଶିଷ୍ଟ ଏକ ଏକ ସହରରେ ପରିଣତ ହୋଇ ସାରିଛି । ଏଠି ପ୍ରଶ୍ନ ଉଠେ ଆମର ପାର୍ବତ୍ୟ ଅଞ୍ଚଳରେ ପ୍ରଶାସନ ଓ ସରକାର ସହରୀକରଣ ଯୋଜନା ପାଇଁ କ'ଣ ପଦକ୍ଷେପ ନେଉଛନ୍ତି ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**


## ଆଜିର ଚିନ୍ତନ

**ରା**କ୍ଷସ ହିରଣ୍ୟକଶିପୁ ଜନ୍ମ ନେଇଥିଲେ ଋଷି କଶ୍ୟପ ଓ ଦିତିଙ୍କ ଗର୍ଭରୁ । ରାକ୍ଷସ କୁଳରେ ଜାତ ହେଲେ ମଧ ହିରଣ୍ୟକଶିପୁଙ୍କ ପୁତ୍ର ପ୍ରହଲ୍ଲାଦ ଥିଲେ ପରମ ବିଷ୍ଣୁଭକ୍ତ । ଋଷି ଆଶ୍ରମରେ ରହି ଶିକ୍ଷାଗ୍ରହଣ ସହ ବିଷ୍ଣୁଙ୍କ ଆରାଧନାରୁ ଦୂରେଇ ରଖିବା ପାଇଁ ହିରଣ୍ୟକଶିପୁ ଯଥା ସମୟରେ ପୁଅକୁ ଅସୁର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମକୁ ପଠାଇ ଦେଇଥିଲେ । ଶୁକ୍ରାଚାର୍ଯ୍ୟଙ୍କ ଦୁଇପୁତ୍ର ଷଣ୍ଢ ଓ ଅମର୍କଙ୍କ ଉପରେ ନ୍ୟସ୍ତ ଥିଲା ଶିକ୍ଷାଦାନ । ତେବେ ଯେତେବେଳେ ଗୁରୁ ପୁତ୍ରଦ୍ୱୟ ଆଶ୍ରମର ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତଥାନ୍ତି ସେତେବେଳେ ପ୍ରହଲ୍ଲାଦ ସହଧାୟୀ ଶିଷ୍ୟମାନଙ୍କୁ ଏକତ୍ର କରି ସଦାଚାର ତଥା ଆଧାତ୍ମିକ ଆଲୋଚନାରେ ନିମଗ୍ନ ରହୁଥିଲେ । ଥରେ ସହପାଠୀଙ୍କ ମଧରୁ ଜଣେ ପ୍ରଶ୍ନ କରିଥିଲା- 'ତୁମେ ଏତେ କମ୍ ବୟସରେ ଏହି ଗୂଢ଼ ଅମ୍ ତତ୍ତ୍ୱ ସମ୍ପର୍କରେ ଜାଣିଲ କିପରି ? ପ୍ରହଲ୍ଲାଦଙ୍କ ଉତ୍ତର ଥିଲା- 'ମୋର ପିତାଙ୍କ ଭାଇ ହିରଣ୍ୟାକ୍ଷ ଦେବତାମାନଙ୍କ ଦ୍ୱାରା ନିହତ ହେବାପରେ ପିତା (ହିରଣ୍ୟକଶିପୁ) ଭୟଙ୍କର ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ । ଅମରତ୍ୱ ଲାଭ ତଥା ବଳଶାଳୀ ହୋଇ ଦେବତାମାନଙ୍କ ଉପରେ ଚରମ ପ୍ରତିଶୋଧ ନେବାକୁ ସେ ଚାଲିଯାଇଥିଲେ ମନ୍ଦରାଚଳ ପର୍ବତକୁ । ପିତାଙ୍କ ଅନୁପସ୍ଥିତିର ସୁଯୋଗ ଉଣ୍ଠୁଥିଲେ ଦେବତାମାନେ । ଏହି ସୁଯୋଗରେ ଦୈତ୍ୟପୁରୀ ଉପରେ ଆକ୍ରମଣ କରିଥିଲେ । ଅପ୍ରସ୍ତୁତ ଦୈତ୍ୟମାନେ ପରାଜିତ ହୋଇ ଇତସ୍ତତଃ ପଳାୟନ କରିଥିଲେ । ମୋର ମା' କୟାଧୁଙ୍କୁ ଦେବରାଜ ଇନ୍ଦ୍ର ବନ୍ଦୀ କରି ଅମରାବତୀପୁର ନେଇ ଯାଉଥାନ୍ତି । ମାର୍ଗରେ ଆକସ୍ମିକ ଭାବରେ ସାକ୍ଷାତ ହୋଇଥିଲା ଦେବର୍ଷି ନାରଦଙ୍କ ସହିତ । ନାରଦ ଦେଖିବାକୁ ପାଇଥିଲେ ଜଣେ ମହିଳାଙ୍କୁ ରଥରେ ବସାଇ ଦେବରାଜ ଆକାଶମାର୍ଗରେ ଯାଉଛନ୍ତି । ଅନୁମାନ କରିନେଇଥିଲେ ନିଶ୍ଚୟ ଏହା ଦେବରାଜଙ୍କ ଅବିମୃଶ୍ୟକାରୀ କାର୍ଯ୍ୟ । ଏ ସମ୍ପର୍କରେ ପଚାରିବାରୁ ଦେବରାଜ ଖୁସି ହୋଇ କହିଥିଲେ- 'ଦେବର୍ଷି ! ଏହି ମହିଳାଙ୍କ ଗର୍ଭରେ ଦେବତାମାନଙ୍କ ପରମ ଶତ୍ରୁ ବଢୁଛି । ଦେବଶତ୍ରଙ୍କୁ ମୁଁ ସମୂଳେ ବିନାଶ କରିଦେବି । ଏହି ଉଦ୍ଦେଶ୍ୟରେ ତାଙ୍କୁ ବନ୍ଦୀ କରି ନେଇଯାଉଛି । ଏକ ସଙ୍ଗରେ ସ୍ତ୍ରୀ ଓ ଭ୍ରୂଣହତ୍ୟା ଭଳି ଭୟଙ୍କର ପାପ କରିବାକୁ ଯାଉଥିବା ଦେବରାଜଙ୍କୁ ଭର୍ତ୍ସନା କରି ଦେବର୍ଷି କହିଥିଲେ- 'ତୁମର ଅନୁମାନ ଭୁଲ । ଏହାଙ୍କ ଗର୍ଭରେ ଯେଉଁ ବାଳକ ଅଛି ସେ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ହେବ । ତୁମେ ଏହାଙ୍କର କିଛି ବି କ୍ଷତି ପହଞ୍ଚାଇ ପାରିବ ନାହିଁ । ବରଂ ତାଙ୍କୁ ମୁକ୍ତ କରିଦେବା ଭଲ । ନାରଦଙ୍କଠାରୁ ଏହା ଶୁଣିବା ପରେ ଅମଙ୍ଗଳ ଆଶଙ୍କାରେ ଦେବରାଜ ମାତା କୟାଧୁଙ୍କୁ ମୁକ୍ତ କରି ଦେଇଥିଲେ । ନାରଦ ଅସହାୟ ମା'ଙ୍କୁ ନେଇ ତାଙ୍କ ଆଶ୍ରମରେ ରଖିଥିଲେ କନ୍ୟା ଭାବରେ । ଅବସର ସମୟରେ ମା'ଙ୍କୁ ଭକ୍ତିକଥା ଶୁଣାଇଥାନ୍ତି । ତାଙ୍କର ଭଗବତ୍ ଚେତନା ସମ୍ବଳିତ ଉପଦେଶ ମାତୃଗର୍ଭରେ ଥାଇ ମୁଁ ଶୁଣିଥିଲି । ଦେବର୍ଷିଙ୍କ ଅଶେଷ କୃପାବଳରୁ ସେସବୁ ମୋର ମନେ ଅଛି । ପିତା ହିରଣ୍ୟକଶିପୁ ପରବର୍ତ୍ତୀ ସମୟରେ ପ୍ରହଲ୍ଲାଦଙ୍କୁ ବିଷ୍ଣୁଭକ୍ତିରୁ ନିରୁତ୍ସାହିତ କରିବାକୁ ସକଳ ପ୍ରକାର ଚେଷ୍ଟା କରି ବିଫଳ ହୋଇଥିଲେ । ଶେଷରେ ତାକୁ ମାରିବା ନିମିତ୍ତ ଚେଷ୍ଟା କରି ମଧ ବିଫଳ ହୋଇଥିଲେ । ଘଟଣାକ୍ରମେ ଏକ ଖମ୍ବ, ମଧରେ ଆରାଧ ବିଷ୍ଣୁଙ୍କୁ ଦେଖାଇବା ନିମନ୍ତେ ଆହ୍ୱାନ ଦେଇଥିଲେ ପ୍ରହଲ୍ଲାଦଙ୍କୁ । ଭକ୍ତି ପରୀକ୍ଷାରେ ବିଜୟୀ ହୋଇଥିଲେ ଭକ୍ତ । ଭକ୍ତର ମାନ, ସଂଭ୍ରମ ରକ୍ଷା କରିଥିଲେ ଭଗବାନ ବିଷ୍ଣୁ । ଖମ୍ବରୁ ବାହାରି ନରସିଂହ ରୂପଧରି ହିରଣ୍ୟକଶିପୁର ଛାତି ବିଦାରି ହତ୍ୟା କରିଥିଲେ ।

ବର୍ଷ ୨୭, ସଂଖ୍ୟା- ୫, ୨୯ ଜାନୁଆରୀ - ୪ ଫେବୃଆରୀ ୨୦୨୩

# ମାଟିର ସୁରକ୍ଷା ହେଉ

ମୃତ୍ତିକା ଅବକ୍ଷୟ ଓ ମାଟିର ସ୍ୱାସ୍ଥ୍ୟରେ ଅବନତି କ୍ଷିପ୍ର ଗତିରେ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱବ୍ୟାପୀ ଜନସଂଖ୍ୟା ବୃଦ୍ଧି ଏହା ପଛର ମୂଳକାରଣ । ୧୯୫୦ରେ ବିଶ୍ୱର ଜନସଂଖ୍ୟା ୨୫୦କୋଟି ଥିଲା ବେଳେ, ଗତ ୭୦ ବର୍ଷରେ ପ୍ରାୟ ତିନିଗୁଣାରୁ ଅଧିକ ବୃଦ୍ଧିପାଇ ୨୦୨୨ରେ ପାଖାପାଖି ୮୦୦ କୋଟିରେ ପହଞ୍ଚିଛି । ଭାରତର ଜନସଂଖ୍ୟା ୧୯୫୦ରେ ୩୬କୋଟି ଥିଲାବେଳେ ୨୦୨୨ ବେଳକୁ ଏହା ୧୪୦ କୋଟିରେ ପହଞ୍ଚିଛି । ଅନ୍ୟ ଦିଗରୁ ବିଚାର କଲେ ଆମ ଦେଶରେ ଥିବା ଜମିର ଆୟତନ ପୃଥିବୀର ମୋଟ ଭୂଭାଗର ମାତ୍ର ୨.୪ ପ୍ରତିଶତ । ଏତିକି ଜମିରେ ଆମେ ପୃଥିବୀର ଲୋକସଂଖ୍ୟାର ୧୭,୫ ପ୍ରତିଶତ ଏବଂ ୧୫ ପ୍ରତିଶତରୁ ଅଧିକ ଗାଈ, ଛେଳି, ମଇଁଷି ଆଦି ଗୃହପାଳିତ ପଶୁକୁ ପାଳନ କରୁଛେ । ୧୯୫୧ରେ ଦେଶରେ ମୁଣ୍ଡପିଛା ଚାଷଜମିର ପରିମାଣ ୦.୪୮ ହେକ୍ଟର ଥିଲାବେଳେ ୨୦୧୯ ବେଳକୁ ଏହି ପରିମାଣ କମି ଆସି ୦.୧୨ ହେକ୍ଟରରେ ପହଞ୍ଚିଛି ଏବଂ ୨୦୩୫ ବେଳକୁ ମୁଣ୍ଡପିଛା ଚାଷଜମିର ଆୟତନ ୦.୦୮ ହେକ୍ଟରକୁ କମିଯିବ ବୋଲି ପ୍ରକ୍ଷେପଣ କରାଯାଉଛି । ବିଶ୍ୱର ମୁଣ୍ଡପିଛା ଚାଷଜମି ପରିମାଣର ଏହା ୪୦ ଶତାଂଶ ମାତ୍ର । ସ୍ୱାଭାବିକ ଭାବେ ଏହି ପ୍ରଶ୍ନ ଉଠିବ, ଆମେ ଦେଶବାସୀଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା କିପରି ? ଗାଈ, ଗୋରୁଙ୍କ ପାଇଁ ଚାରଣ ଜମି ଆସିବ କେଉଁଠୁ ? ବର୍ଦ୍ଧିତ ଜନସଂଖ୍ୟାକୁ ଅତିରିକ୍ତ ଖାଦ୍ୟ ଯୋଗାଣ ନିମନ୍ତେ ଆମେ ଅଧିକ ଜଙ୍ଗଲ କାଟି ଚାଷଜମିରେ ପରିଣତ କରୁଛେ । ଅନ୍ୟ ପକ୍ଷରେ ଚାଷଜମିକୁ ମଧ ଆମେ ଗୃହନିର୍ମାଣ, ସହର ବଜାର, ରାସ୍ତାଘାଟ ନିର୍ମାଣ ପାଇଁ ବ୍ୟବହାର କରୁଛେ । ଚାଷଜମିରେ ଲଗାଏତ ଚାଷ, ଅର୍ଥାତ ମାଟିକୁ ବିରାମ ନ ଦେଇ ଦୋ ଫସଲି, ତିନି ଫସଲି କୃଷି କରୁଛେ । ସେହି ଅନୁସାରେ ଅଧିକ ଜଳସେଚନ କରୁଛେ । ଅଧିକ ଅମଳ ଆଶାରେ ରାସାୟନିକ ସାର ପ୍ରୟୋଗ କରୁଛେ । ଫସଲକୁ ରୋଗପୋକରୁ ରକ୍ଷା କରିବା ପାଇଁ ବିଷାକ୍ତ କୀଟନାଶକ ବିନିଯୋଗ କରୁଛେ । ରାସାୟନିକ ସାର ପ୍ରୟୋଗ କଲେ, ପ୍ରଥମ ପର୍ଯ୍ୟାୟରେ ମାଟିର ଉତ୍ପାଦିକା ଶକ୍ତି ଯଥେଷ୍ଟ ବଢ଼ିଯାଏ । କିନ୍ତୁ କ୍ରମାଗତ ଭାବେ ତିନିବର୍ଷରୁ ଅଧିକ ବ୍ୟବହାର କଲେ ମାଟିର ବନ୍ଧ୍ୟାତ୍ୱ ବୃଦ୍ଧିପାଏ ଏବଂ ଉର୍ବରତା ହ୍ରାସ ପାଏ । ଗଭୀର 'ବୋରୱେଲ' ଜମିରେ ବସାଇ ଭୂତଳ ଜଳକୁ ଉତ୍ତୋଳନ କରି ଅତ୍ୟଧିକ ଜଳସେଚନ କରିବା ଦ୍ୱାରା ମାଟିର ଉପର ଅଂଶ କ୍ରମଶଃ ଶୁଷ୍କ ହୋଇଯାଏ । ହାଇବ୍ରିଡ୍ ବିହନ ଓ ଅଧିକ ଅମଳକ୍ଷମ ବିହନର ବହୁଳ ବ୍ୟବହାର ପ୍ରାକୃତିକ ଜୈବ ବିବିଧତାକୁ ନଷ୍ଟ କରିବା ସହ, ଏଥିରୁ ଉତ୍ପନ୍ନ ହେଉଥିବା ଉଦ୍ଭିଦ କୀଟପତଙ୍ଗ ଓ ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଅଧିକ । କୀଟନାଶକ ମଧ୍ୟରେ କ୍ଲୋରିନଯୁକ୍ତ ହାଇଡ୍ରୋକାର୍ବନ ମୁଖ୍ୟ । ବିଶେଷଭାବେ ଡିଡିଟି ବିଏସ୍‌ସି, ଏଡ୍ରିନ୍, ଆଲଡ୍ରିନ୍ ଓ ମାଲାଥିଆନ ଆଦି କୀଟନାଶକର କିଛିଅଂଶ ମୃତ୍ତିକାରେ ଥିବା କ୍ଷୁଦ୍ର କଣିକା ଦ୍ୱାରା ଗୃହୀତ ହୋଇଥାଏ । ମାଟି ଭିତରେ କୀଟନାଶକର ଛିଟା ଖୁବ୍ ମନ୍ଥର ଗତିରେ କ୍ଷୟପ୍ରାପ୍ତ ହୁଏ । କିନ୍ତୁ ଖାଦ୍ୟ ଶୃଙ୍ଖଳର ବିଭିନ୍ନ ସ୍ତରରେ ଏହାର ଜୈବିକ ବିଶାଳନ ଘଟିଥାଏ । ଉପରୋକ୍ତ କାରଣରୁ ଧୀରେ ଧୀରେ ମାଟିର ଉପରି ଭାଗ ଢିଲା, ହାଲୁକା ଓ ବାଲିଆ ହୋଇଯାଏ । ଶୁଷ୍କ ଓ ପତିତ ଜମିରେ କ୍ରମଶଃ ମରୁଭୂମୀକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଲାଗେ । ମାଟି କ୍ରମଶଃ ବନ୍ଧ୍ୟା ହୋଇଯାଏ । ଅନୁର୍ବର ହୋଇଯାଏ । କୃଷିର ବିସ୍ତାର ପାଇଁ ଅବକ୍ଷୟିତ ଜଙ୍ଗଲ ଜମି ଓ ଚାରଣଭୂମିକୁ ଆବାଦ କରାଯାଉଥିବାରୁ ମାଟିର ଉପରିଭାଗ ଅନାବୃତ ହୋଇପଡ଼େ । ଫଳରେ ଖରା, ବର୍ଷା ଆଦି ବହୁବିଧ ପ୍ରାକୃତିକ ପ୍ରକ୍ରିୟା ମାଟିର ଆଣ୍ଟ ନଷ୍ଟ କରି ତାକୁ ହୁଗୁଳା କରିଦିଏ । ବର୍ଷାଦିନେ ବୃଷ୍ଟି ଜଳ ସହିତ ଏହି ଶିଥିଳ ମାଟି ଧୋଇ ହୋଇଯାଏ । ନଦୀନାଳରେ ମିଶି ତାକୁ ପୋତି ପକାଏ । ଜୋରରେ ପବନ ବହିଲେ ମାଟିର ଉପର ହାଲୁକା ଅଂଶ ସ୍ଥାନାନ୍ତରିତ ହୋଇଯାଏ । ଏହି ପ୍ରକ୍ରିୟା ମୃତ୍ତିକା କ୍ଷୟକୁ ତ୍ୱରାନ୍ୱିତ କରେ ଏବଂ ମାଟିର ଅନୁର୍ବରତା ବୃଦ୍ଧି ପାଏ । ଭାରତରେ ପ୍ରତିବର୍ଷ ପ୍ରାୟ ୫୩୦୦ ନିୟୁତ ଟନ୍ ଉପର ଉର୍ବରମାଟି ମୃତ୍ତିକା କ୍ଷୟ କାରଣରୁ ନଷ୍ଟ ହୋଇଯାଏ । ଅହମଦାବାଦସ୍ଥିତ 'ମହାକାଶ ପ୍ରୟୋଗ କେନ୍ଦ୍ର' ତରଫରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆମ ଦେଶର ମୋଟ ୩୨୮ ମିଲିୟନ ହେକ୍ଟର ଭୌଗୋଳିକ ଆୟତନ ମଧ୍ୟରୁ ପ୍ରାୟ ୩୨ ଶତାଂଶ ଅର୍ଥାତ୍ ୧୦୫ ମିଲିୟନ ହେକ୍ଟର ଜମିରେ ଅବକ୍ଷୟମୁଖୀ ପ୍ରକ୍ରିୟା ତ୍ୱରାନ୍ୱିତ ହେବାରେ ଲାଗିଛି । ତନ୍ମଧ୍ୟରୁ ୮୧.୪ ମିଲିୟନ ବା ୮୧୪ ଲକ୍ଷ ହେକ୍ଟର ଜମି ମରୁଭୂମିରେ ପରିଣତ ହୋଇସାରିଲାଣି । ଉକ୍ତ ରିପୋର୍ଟରେ ଆହୁରି ମଧ ଦର୍ଶାଯାଇଛି, ଦେଶର ଯେଉଁ ପାଞ୍ଚଗୋଟି ରାଜ୍ୟ ମୃତ୍ତିକା ଅବକ୍ଷୟ ହେତୁ ମରୁଡ଼ି ପ୍ରବଣତା ଆଡ଼କୁ ଗତି କରୁଛି, ତନ୍ମଧ୍ୟରେ ରାଜସ୍ଥାନ ପ୍ରଥମ । ଏହା ପଛକୁ କ୍ରମାନ୍ୱୟରେ ଗୁଜରାଟ, ମହାରାଷ୍ଟ୍ର ଓ ଜମ୍ମୁ କଶ୍ମୀରରେ ସର୍ବାଧିକ ଜମି ଶୁଷ୍କ ହୋଇ ସାରିଲାଣି । ଓଡ଼ିଶାର ସ୍ଥାନ ପଞ୍ଚମ । ଆମ ରାଜ୍ୟରେ ରହିଥିବା ଶୁଷ୍କ, ଅର୍ଦ୍ଧଶୁଷ୍କ ଓ ପତିତ ଜମିର ଆୟତନ ୫୪,୬୯୩ ବର୍ଗ କିଲୋମିଟର । ଯାହା ରାଜ୍ୟର ଭୌଗୋଳିକ ଆୟତନର ଏକ ତୃତୀୟାଂଶରୁ ସାମାନ୍ୟ ଅଧିକ । ଓଡ଼ିଶାରେ ମଧ ବର୍ଷକୁ ୩୫୦ ନିୟୁତ ଟନ୍ ଉପର ମାଟି ଧୋଇ ହୋଇଯାଏ ବା ମୃତ୍ତିକା କ୍ଷୟ ଘଟି ନଷ୍ଟ ହୋଇଯାଏ । ଭୂପୃଷ୍ଠର ବହିରାବରଣରେ ମାତ୍ର ୧୩ରୁ ୨୫ ସେଣ୍ଟିମିଟର ଜୈବିକ ଅଣୁସାରଯୁକ୍ତ ମାଟି ରହିଛି । ଅଥଚ ଗୋଟିଏ ସେଣ୍ଟିମିଟର ଉପରମାଟି ତିଆରି ହେବା ପାଇଁ ଅନ୍ୟୁନ ୨୦୦ବର୍ଷ ଏବଂ ସ୍ଥଳ ବିଶେଷରେ ୩୦୦ ବର୍ଷ ମଧ ଲାଗିଯାଇପାରେ । ଭୂପୃଷ୍ଠରେ ଜୀବନର ଅଭ୍ୟୁଦୟ ଓ ପରିପୋଷଣ ନିମନ୍ତେ ମାଟି ହିଁ ଭିତ୍ତିଭୂମି ଯୋଗାଇଥାଏ । ମାଟିରୁ ଶସ୍ୟ, ଶସ୍ୟରୁ ଆହାର, ଆହାରରୁ ଜୀବନ ରକ୍ଷା । ଦେଶର ଅଗଣିତ ଜନତାଙ୍କୁ ପୁଷ୍ଟିକର ଆହାର ଯୋଗାଇ ଖାଦ୍ୟ ସୁରକ୍ଷା ହାସଲ କରିବାକୁ ହେଲେ ମାଟିର ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ପ୍ରାଥମିକ ଆବଶ୍ୟକତା । ମାଟିର ସୁରକ୍ଷା ହିଁ ଖାଦ୍ୟ ସୁରକ୍ଷା ଓ ଜୀବନ ଜୀବିକାର ସୁରକ୍ଷା କବଚ ।



# ଆଧୁନିକ ସାମ୍ବାଦିକତା

**ମହାତ୍ମା ଗାନ୍ଧୀ**

ଆଧୁନିକ ସାମ୍ବାଦିକତା ମଧକୁ ଯେଉଁ ପଲ୍ଲବଗ୍ରାହିତା, ଏକଦେଶଦର୍ଶିତା, ଅଯଥାର୍ଥତା ଓ ଅନେକ ସମୟରେ ଯେଉଁ ଅସାଧୁତା ଆସି ପ୍ରବେଶ କଲାଣି, ତାହା ସାଧୁ ବ୍ୟକ୍ତିମାନଙ୍କୁ ଅବିରତ କେବଳ ଭୁଲ ବାଟରେ ପରିଚାଳିତ କରି ନେଉଛି । ଏମାନେ ତ କେବଳ ନ୍ୟାୟ ହିଁ ସ୍ୱୀକୃତ ହେଉ ବୋଲି ଚାହୁଁଛନ୍ତି, ଆଉ କିଛି ଚାହୁଁ ନାହାନ୍ତି ।

ମୋ' ସମ୍ମୁଖରେ ପତ୍ରିକାମାନଙ୍କରୁ କଟା ହୋଇ ଆସିଥିବା ଏପରି କେତେଗୁଡ଼ିଏ ବିବରଣୀ ରହିଛି, ଯେଉଁଥିରେ କି କେବଳ କେତେକ ନୃଶଂସ ଘଟଣାର ବର୍ଣ୍ଣନା କରାଯାଇଛି । ସେଥିରେ ସାମ୍ପ୍ରଦାୟିକ ଉତ୍ତେଜନାକୁ ସ୍ଥାନ ଦିଆଯାଇଛି, ଘଟଣାଗୁଡ଼ିକର ଭୁଲ ଉପସ୍ଥାପନା କରାଯାଇଛି ଏବଂ ହତ୍ୟା ସମେତ ନାନାବିଧ ରାଜନୀତିକ ହିଂସା ନିମନ୍ତେ ଉତ୍ତେଜିତ କରାଯାଇଛି । ସରକାରଙ୍କ ପାଇଁ ମୋକଦ୍ଦମାମାନ ଦାଏର କରିବା ଅଥବା ଦମନମୂଳକ ଅଧାଦେଶମାନ ଜାରି କରିବା ଅବଶ୍ୟ ବେଶ୍ ସହଜ ହୋଇପାରିବ । ମାତ୍ର, କେବଳ ସାମୟିକ ଭାବରେ ହିଁ ତଦ୍ୱାରା ଅଭିପ୍ରେତ ଉଦ୍ଦେଶ୍ୟଟିର ସାଧନ ସମ୍ଭବ ହେବ ଏବଂ, ସମ୍ବାଦପତ୍ରର ମୁକ୍ତ ଅଙ୍ଗନଟି ସେମାନଙ୍କ ପାଇଁ ବନ୍ଦ ରହିଥିବାବେଳେ ଯେଉଁ ଲେଖକମାନେ ଅନେକ ସମୟରେ ଗୋପନ ପ୍ରଚାରମାନ କରନ୍ତି, ତଦ୍ୱାରା ସେହି ଲେଖକମାନଙ୍କର ମତ ବଦଳାଇ ପାରିବା ଆଦୌ ସମ୍ଭବ ହେବନାହିଁ ।

ସୁସ୍ଥ ଜନମତ ହେଉଛି ଏକ ପ୍ରକୃତ ସମାଧାନ, ଯାହାକି ବିଷରେ ପୂର୍ଣ୍ଣ ହୋଇଥିବା ପତ୍ରିକାଗୁଡ଼ିକୁ କୌଣସି ପୃଷ୍ଠପୋଷକତା ଦେଖାଇବାକୁ ଆଦୌ ସମ୍ମତ ହେବନାହିଁ । ସମ୍ବାଦପତ୍ରର ସ୍ୱାଧୀନତା ହେଉଛି ଏକ ବହୁମୂଲ୍ୟ ଅଧିକାର ଏବଂ କୌଣସି ଦେଶ ତାହାକୁ ଛାଡ଼ିଦେଇ ପାରିବ ନାହିଁ । ମାତ୍ର, ଯେପରି ଅବଶ୍ୟ ରହିବା ଉଚିତ, ଯଦି ଏକାନ୍ତ ନରମ ବା ଭଙ୍ଗୁର ପ୍ରତିବନ୍ଧକ ନଥାଏ, ତେବେ ଭିତରୁ ଏକ ଲଗାମ ରହିଥିବା ଆଦୌ ଅସମ୍ଭବ ହେବା ଉଚିତ ନୁହେଁ ଅଥବା ସେଥରେ କାହାରି ଆପତ୍ତି ମଧ ରହିବା ଉଚିତ ନୁହେଁ । ମୁଁ ସେହିଭଳି କେତୋଟି ଲଗାମ ରହିବାର ପ୍ରସ୍ତାବ ଦେଉଛି ।

ନୀତିହୀନ ବିଜ୍ଞାପନଗୁଡ଼ିକରୁ ସାହାଯ୍ୟ ନେଇ ଖବରକାଗଜ ଚଳାଇବାକୁ ମୁଁ ଭୁଲ୍ ବୋଲି ବିଚାର କରିଥାଏ, ମୁଁ ବିଶ୍ୱାସ କରେ ଯେ, ଯଦି ବିଜ୍ଞାପନଗୁଡ଼ିକୁ ଗ୍ରହଣ କରିବାକୁ ହୁଏ, ତେବେ ସମ୍ବାଦପତ୍ରର କର୍ତ୍ତା ଓ ସମ୍ପାଦକମାନେ ହିଁ ଏହି କ୍ଷେତ୍ରରେ ଏକ କଠୋର କଟକଣା ରଖିବେ ଏବଂ କେବଳ ସୁସ୍ଥ ବିଜ୍ଞାପନଗୁଡ଼ିକୁ ହିଁ ଗ୍ରହଣ କରାଯିବ । ଯେଉଁଗୁଡ଼ିକୁ ସବୁଠାରୁ ଅଧିକ ସମ୍ମାନାସ୍ପଦ ସମ୍ବାଦପତ୍ର ଏବଂ ପତ୍ରିକା ବୋଲି କୁହା ଯାଇଥାଏ, ସେମାନଙ୍କୁ ମଧ ନୀତିହୀନ ବିଜ୍ଞାପନର ମନ୍ଦ ରାକ୍ଷସଟି ଗ୍ରାସ କରିବାକୁ ବସିଲାଣି । ସମ୍ବାଦପତ୍ରର ପରିଚାଳକ ଏବଂ ସମ୍ପାଦକମାନେ ନିଜର ବିବେକକୁ ପରିଚ୍ଛନ୍ନ ରଖିବେ ଏବଂ ସେହି ରାକ୍ଷସଟି ସହିତ ଯୁଦ୍ଧ କରିବେ । ମୋ'ପରି ଜଣେ ସୌଖୀନ୍ ସମ୍ପାଦକର ପ୍ରଭାବରେ ସେହି ପରିଚ୍ଛନ୍ନତା ଆଦୌ ସମ୍ଭବ ହେବନାହିଁ ; ମାତ୍ର, ଯେତେବେଳେ ସେମାନଙ୍କର ନିଜ ବିବେକ ଏହି କ୍ରମଶଃ ବୃଦ୍ଧି ପାଉଥିବା ମନ୍ଦଟିକୁ ଠାବ କରି ପାରିବାଲାଗି ଜାଗୃତ ହେବ ବା ଜନଗଣଙ୍କର ପ୍ରତିନିଧିତ୍ୱ କରୁଥିବା ତଥା ଲୋକମାନଙ୍କର ନୈତିକତା ବିଷୟରେ ଚିନ୍ତା କରୁଥିବା ଏକ ସରକାରଙ୍କ ତରଫରୁ ଯେତେବେଳେ ତାହାକୁ ଉପରୁ ଲଦି ଦିଆଯିବ, ସେତେବେଳେ ଯାଇ ତାହା ସମ୍ଭବ ହେବ ।

ପାଶ୍ଚାତ୍ୟ ପରି ପ୍ରାଚ୍ୟରେ ମଧ ଖବରକାଗଜମାନେ ଅତ୍ୟନ୍ତ କ୍ଷିପ୍ର ଗତିରେ ଲୋକମାନଙ୍କର ବାଇବେଲ, କୋରାନ୍, ଜେଣ୍ଡ ଆଭେସ୍ତା ତଥା ଭଗବଦ୍ ଗୀତା, ଏଗୁଡ଼ିକୁ ଏକାଠି ମିଶାଇଦେଲେ ଯାହା ଦେବ, ସେହିପରି ଏକ ବସ୍ତୁରେ ପରିଣତ ହୋଇ ଯାଉଛନ୍ତି । ଖବରକାଗଜ ମାନଙ୍କରେ ଯାହାକିଛି ବାହାରୁଛି, ତାହାକୁ ସମସ୍ତେ ଈଶ୍ୱରଙ୍କର ମୁଖରୁ ନିଃସୃତ ହୋଇଥିବା ସତ୍ୟ ପରି ଦେଖୁଛନ୍ତି ।

ନିଜର ମତଗୁଡ଼ିକୁ ଖବରକାଗଜମାନଙ୍କରୁ ଉଧାର କରି ଆଣିବାର ଅଭ୍ୟାସଟିକୁ ମୁଁ ଏକାନ୍ତ ଅନୁଚିତ ବୋଲି ଭାବିଥାଏ । ବସ୍ତୁସତ୍ୟଗୁଡ଼ିକର ଅଧ୍ୟୟନ ନିମନ୍ତେ ହିଁ ଆମେ ଖବରକାଗଜ ପାଠ କରିବା । ଆମର ସ୍ୱାଧୀନ ମନନର ଅଭ୍ୟାସକୁ ମାରିଦେବା ପାଇଁ ସେମାନଙ୍କୁ ଆଦୌ ଅନୁମତି ମିଳିବା ଉଚିତ ନୁହେଁ । ମୁଁ ଭାବୁଛି ଯେ, ପାଠକମାନଙ୍କୁ କେବଳ ପ୍ରକୃତ ଘଟଣାଗୁଡ଼ିକ ଆଣି ଯୋଗାଇଦେବା ହିଁ ଖବରକାଗଜ ବାଲାମାନଙ୍କର କର୍ତ୍ତବ୍ୟ ହେବା ଉଚିତ ।

# ବେଳ ଥାଉଁ ବନ୍ଧ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଛୋଟ ଜନବସତି କିମ୍ବା ଗାଁ'ଟା' ସ୍ଥାନରେ ଠିକ୍ ଅଛି । ହେଲେ ମୃତ୍ତିକା ପରୀକ୍ଷା ସହିତ ବିଶେଷଜ୍ଞଙ୍କ ମତାମତକୁ ନେଇ ନିଷ୍କ୍ରିୟ ଦରକାର ଯେ କୌଣସି ଏକ ସ୍ଥାନରେ ପଚାଶ ହଜାର ଜନସଂଖ୍ୟା ବିଶିଷ୍ଟ ଏକ ସହର ଅବସ୍ଥାପିତ ହୋଇପାରିବ ନା ନାହିଁ ? ସମତଳ ଅଞ୍ଚଳରେ ମଧ ଦ୍ରୁତ ସହରୀକରଣ ଏକ ସମସ୍ୟା ରୂପେ ମୁଣ୍ଡ ଟେକିଛି । ସହରୀ ସଭ୍ୟତାର ଆକର୍ଷଣରେ ଲୋକ ଗାଁଗଣ୍ଡା ଛାଡ଼ି ପଳଉଛନ୍ତି । ତେଣୁ ପାର୍ବତ୍ୟ ଅଞ୍ଚଳରେ ଗୋଟିଏ ସ୍ଥାନରେ ସହର ନିର୍ମାଣ ନ କରି ଉପଯୁକ୍ତ ସ୍ଥାନରେ ଆଖପାଖ ଅଞ୍ଚଳରେ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି । ଫଳରେ ଗୋଟିଏ ସ୍ଥାନରେ ମାଟି ଉପରେ ଚାପ ପଡ଼ିବ ନାହିଁ । ବାସଗୃହ, ହୋଟେଲ, ବଜାର ଇତ୍ୟାଦି ନିର୍ମାଣ ପାଇଁ ସଠିକ୍ ନିର୍ଣ୍ଣୟ ଉପରେ ସଂପୃକ୍ତ କର୍ତ୍ତୃପକ୍ଷ ଜୋର୍ ଦେବା ବିଧେୟ । ଲୋକମାନଙ୍କ ମଧ୍ୟରେ ମଧ ସଚେତନତାର ଆବଶ୍ୟକତା ରହିଛି । ନ ହେଲେ ପରବର୍ତ୍ତୀ ସମୟରେ ପରିସ୍ଥିତି ଆହୁରି ଜଟିଳ ହେବାର ସମ୍ଭାବନା ରହିଛି । ପର୍ବତ ମଧ୍ୟରେ ହିମାଳୟ, ଅନ୍ୟ ପର୍ବତ ତୁଳନାରେ ବେଶୀ ପୁରୁଣା ନୁହେଁ । ତେଣୁ ସହରୀକରଣ ଓ ନିର୍ମାଣ ସମୟରେ ଏଥି ପ୍ରତି ଯତ୍ନବାନ୍ ହେବା ବିଧେୟ । ବିକାଶ ପାଇଁ, ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଓ ଦେଶର ସୁରକ୍ଷା ହିତରେ ରାସ୍ତାଘାଟର ଆବଶ୍ୟକତା ରହିଛି । କିନ୍ତୁ ପାର୍ବତ୍ୟ ଅଞ୍ଚଳରେ ଏଥି ପ୍ରତି ବିଶେଷ ଯତ୍ନବାନ୍ ହେବାକୁ ପଡ଼ିବ । ପରିବେଶବିତ୍ ଅଛନ୍ତି, ଦେଶରେ ତଥା ଆନ୍ତର୍ଜାତୀୟ ସ୍ତରରେ ଅନେକ ସଂପୃକ୍ତ ସଂସ୍ଥା ଅଛନ୍ତି । ସରକାର ଏମାନଙ୍କ ସହିତ ଉପଯୁକ୍ତ ପରାମର୍ଶପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି । ପରବର୍ତ୍ତୀ ସମୟରେ ପରସ୍ପର ପ୍ରତି ଦୋଷାରୋପ କରିବା ବିଶେଷ ଫଳପ୍ରଦ ହେବ ନାହିଁ । ଯାହା ତ ହେବାର ହୋଇ ସାରିଛି । ଯଦି ସରକାର ଓ ପ୍ରଶାସନ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ପରିସ୍ଥିତି ଜଟିଳରୁ ଜଟିଳତର ହୋଇପାରେ । ପ୍ରଥମ କଥା ହେଉଛି ଜନସାଧାରଣଙ୍କୁ ଠିକ୍ ଜାଗାକୁ ସ୍ଥାନାନ୍ତରଣ କରି ସୁରକ୍ଷିତ ରଖିବା । ତା' ପରେ ସମୀକ୍ଷା କରାଯାଇ କ୍ଷତିପୂରଣର ବ୍ୟବସ୍ଥା କରିବା । ଘରମାନଙ୍କରେ ଫାଟର କାରଣ ଏବଂ ମାଟି ଧସି ଯିବାର କାରଣ ସ୍ପଷ୍ଟ ହେଲେ ଯାଇ ତା'ର ନିରାକରଣ ପୂର୍ବକ ଲୋକଙ୍କୁ ଫେରେଇ ଆଣିବାର ପଦକ୍ଷେପ ନିଆଯାଇ ପାରେ । ଏବେ ଯାହା ବି ଯୋଜନା କାର୍ଯ୍ୟକାରୀ ହେଉଛି କିମ୍ବା ଯୋଜନା ସ୍ତରରେ ରହିଛି ସେ ସଂପର୍କରେ ସଠିକ୍ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି । ପରିବେଶ ହେଉଛି ପ୍ରକୃତିର ଦାନ । ଏହା ଆମ ନିୟନ୍ତ୍ରଣାଧୀନ ନୁହେଁ । ତେଣୁ ଯାହା ଆମ ହାତରେ ନାହିଁ ତା' ସହିତ ଖେଳିବା ଆଦୌ ସମିଚୀନ ମନେ ହୁଏ ନାହିଁ । ବିକାଶ ତ ଆମେ କରି ଚାଲିଛୁ । ଆଗକୁ ମଧ କରିବା । କିନ୍ତୁ ଉଭୟଙ୍କ ମଧ୍ୟରେ ଆମକୁ ସମନ୍ୱୟ ରକ୍ଷା କରିବାକୁ ହେବ । ଉତ୍ତରାଖଣ୍ଡର ଯୋଶୀମଠ ଏବଂ ଅନ୍ୟାନ୍ୟ ସହର ଆମକୁ ଏକ ଶିକ୍ଷା ଦେଇ ସାରିଛି । ଆଗକୁ ଯେଉଁଭଳି ଏହି ଭୁଲ୍ ନ ହୁଏ ଆମକୁ ଆଖି ଆଗରେ ରଖିବାକୁ ହେବ । ଏବେ ବି ସମୟ ଅଛି । ପାର୍ବତ୍ୟାଞ୍ଚଳରେ ଆଉ ଏକ ସମସ୍ୟା ହେଉଛି ଜଳ ନିୟନ୍ତ୍ରଣ । ଅଳ୍ପ ତାପମାତ୍ରା ଥିବାରୁ ଯେହେତୁ ପାଣି ବରଫ ଆକାରରେ ଜମି ରହିଥାଏ ଏବଂ ତାପମାତ୍ରା ବଢ଼ିଲେ ତରଳି ବନ୍ୟା ସୃଷ୍ଟି କରେ ଏହା ଦ୍ୱାରା ମଧ ବିପଦ ସୃଷ୍ଟି ହୋଇପାରେ । ଅତୀତରେ କେଦାରନାଥ ଠାରେ ଏହି ସମସ୍ୟା ବ୍ୟାପକ ଧନଜନ କ୍ଷତି କରିଛି । ଯେହେତୁ ଏହି ସମସ୍ୟା ଆମର ନିୟନ୍ତ୍ରଣାଧୀନ ନୁହେଁ ତଥାପି ବିଶେଷଜ୍ଞଙ୍କ ମତାମତ ନେଇ କିଛିଟା ପଦକ୍ଷେପ ନିଆଯାଇପାରେ । କୌଣସି ସ୍ଥାନରେ ପାଣି ଯେମିତି ଜମି ନ ରହେ ସେଥି ପ୍ରତି ମଧ ଦୃଷ୍ଟି ଦିଆଯାଇପାରେ । ଯେହେତୁ ହିମାଳୟ ଭୂକମ୍ପ ପ୍ରବଣ ଅଞ୍ଚଳ, ବିଭିନ୍ନ ଜଳ ପ୍ରକଳ୍ପ ହାତକୁ ନେବା ସମୟରେ ଯତ୍ନବାନ୍ ହେବାକୁ ପଡ଼ିବ । ବୃହତ୍ ଜଳ ପ୍ରକଳ୍ପ ଅପେକ୍ଷା କ୍ଷୁଦ୍ର ଜଳପ୍ରକଳ୍ପ ଏବଂ ଉପଯୁକ୍ତ ସ୍ଥାନରେ ଏହାର ପ୍ରତିଷ୍ଠା କଥା ଚିନ୍ତା କରାଯାଇପାରେ । ଏବେ ସଚେତନ ହେବାର ସମୟ ଆସିଛି । ବ୍ୟାପକ ଧନଜନ କ୍ଷତିରୁ ଆମକୁ ସୁରକ୍ଷିତ ରହିବାର ଅଛି । ବେଳ ଥାଉଁ ବନ୍ଧ ବାନ୍ଧିବାର ଅଛି । ନ ହେଲେ ଭବିଷ୍ୟତରେ ପରିସ୍ଥିତି ଯେ କେତେ ଜଟିଳ ହେବ ତା'ର କଳ୍ପନା ମଧ କରାଯାଇ ନ ପାରେ ।

**ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ**
ଆକାଶବାଣୀ, ସମ୍ବଲପୁର

# ସ୍ୱର୍ବେଦ

**ମୋଟା ପତଲା ଛୋଟା ବଡ଼ା,**
**ଔରୋ ରୂପ କୁରୂପ ।**
**ମୈଁ ହୂଁ ମୋର ସ୍ୱରୂପ ହୈ, ୟହ**
**ଭ୍ରମ ପର ଭଓ୍ୱକୂପ ।।୫୧।।**

ଭାଷ୍ୟ - ଆତ୍ମା ଅଜ୍ଞାନତାରୁ ପ୍ରକୃତିର ସ୍ୱରୂପକୁ ହିଁ ନିଜ ସ୍ୱରୂପ ବୋଲି ଜାଣେ । ମୁଁ, ମୋର, ମୋଟା ପତଳା ଏହି ଶରୀରର ସ୍ୱରୂପକୁ ହିଁ ନିଜ ସ୍ୱରୂପ ଜାଣି ଅଜ୍ଞାନ ରୂପୀ କୂପରେ ପଡ଼ି ରହିଛି ।

**ପ୍ରାଣ କ୍ରିୟା ଜୋ ସକଲ ହୈ, ସୋ**
**ଆପନ କର ମାନ ।**
**ମୈଁ ଭୂଖା ମୈଁ ପ୍ୟାସ ହୂଁ, ଆପନ**
**ଧର୍ମ ନ ଜାନ ।।୫୨।।**

ଭାଷ୍ୟ - ଶରୀର ଭିତରେ ପ୍ରାଣର ସମସ୍ତ କ୍ରିୟା ପ୍ରକୃତି ଆଧାରରେ ପରିଚାଳିତ ହୋଇଥାନ୍ତି । ଆତ୍ମା ଅଜ୍ଞାନତାରୁ ଏଗୁଡ଼ିକର ସଂଚାଳକ ବୋଲି ମନେ କରେ । ମୁଁ କ୍ଷୁଧାର୍ତ୍ତ ଏବଂ ତୃଷାର୍ତ୍ତ - ଏହା ପ୍ରାଣର ଧର୍ମ ଅଟେ, ଶୁଦ୍ଧ ଆତ୍ମାର ନୁହେଁ ।

**ମୈଁ କରତା ମୈଁ ଭୋଗତା, ହମ**
**ହମାର ହୈ ରୂପ ।**
**ପ୍ରକୃତି ଗୁଣନ କେ କର୍ମ କୋ,**
**ଜାନତ ନିଜ କ୍ରିୟ ରୂପ ।।୫୩।।**


ଭାଷ୍ୟ - ପ୍ରକୃତିର ଗୁଣମାନଙ୍କ ଦ୍ୱାରା ହେଉଥିବା କର୍ମକୁ ହିଁ ଆତ୍ମା ନିଜ କର୍ମ ବୋଲି ଜାଣେ ଓ ତାହାର ସ୍ୱରୂପକୁ ହିଁ ନିଜର ସ୍ୱରୂପ ଜ୍ଞାନ କରି ସେହି କର୍ମଗୁଡ଼ିକୁ ନିଜର କର୍ମ ଓ ଭୋଗ ମନେକରେ । ପ୍ରକୃତିର ଜଡ଼ ଧର୍ମରୁ ଚେତନ ଆତ୍ମାର ସ୍ୱରୂପ ଓ ତାହାର କ୍ରିୟା ଭିନ୍ନ ଅଟେ । ଆତ୍ମା ତ୍ରିଗୁଣ ସଂଘାତର କ୍ରିୟାଗୁଡ଼ିକ ଠାରୁ ଭିନ୍ନ ବସ୍ତୁ ଅଟେ । ତାହାର ସ୍ୱରୂପ ଓ କ୍ରିୟା ଚେତନ ଅଟେ ।

**ମୈଁ ଜ୍ଞାନୀ ୱିଦ୍ୱାନ ହୂଁ, ମୋ ସମ**
**ଅଓ୍ୱର ନ କୋୟ ।**
**ଜଡ଼ ଚେତନ କୀ ଗ୍ରନ୍ଥି ମୈଁ,**
**ଚେତନ ଜ୍ଞାନ ନ ସୋୟ ।।୫୪।।**

ଭାଷ୍ୟ - ଆତ୍ମା ସହିତ ଜଡ଼ ପ୍ରକୃତିର ଅଜ୍ଞାନମୟ ସମ୍ବନ୍ଧରୁ ହିଁ ମୁଁ ଜ୍ଞାନୀ ଅଟେ ଓ ମୋର ସମାନ ଆଉ କେହି ନାହିଁ - ଏପରି ଜ୍ଞାନ ହୋଇଥାଏ । ମାତ୍ର ଏହା ଆତ୍ମାର ଚେତନ ଜ୍ଞାନ ନୁହେଁ । ଜଡ଼ ପ୍ରକୃତିର ଅଜ୍ଞାନ ସମ୍ବନ୍ଧରୁ ଆତ୍ମାକୁ ପୂର୍ଣ୍ଣ ଜ୍ଞାନ ହୋଇ ନ ଥାଏ ।

**ମୈଁ ତୋ ସୁଖୀ ମୈଁ ଦୁଖୀ ହୂଁ, ଜଡ଼**
**ଚେତନ ମିଲ ହୋୟ ।**
**ସ୍ଥିର ଶୁଦ୍ଧ ସ୍ୱରୂପ ମୈଁ, ଦୁଖ ସୁଖ**
**ଜଗତ ନ କୋୟ ।।୫୫।।**

ଭାଷ୍ୟ - ଜଡ଼ ଚେତନର ସମ୍ବନ୍ଧରୁ ହିଁ ଆତ୍ମାକୁ ଦୁଃଖ ସୁଖ




ଆଦିର ଜ୍ଞାନ ହୋଇଥାଏ । ଯେତେବେଳେ ଆତ୍ମା ଯୋଗ ଦ୍ୱାରା ନିଜ ଚେତନ ଶୁଦ୍ଧ ସ୍ୱରୂପକୁ ପ୍ରାପ୍ତ କରିନିଏ, ସେତେବେଳେ ଦୁଃଖ ସୁଖ ଆଉ ଜଗତର ଆଭାସ ରହେ ନାହିଁ । ସେ ନିଜ ଚେତନ ସ୍ୱରୂପରୁ ପରମାନନ୍ଦଙ୍କ ନିକଟରେ ନିମଗ୍ନ ରହିଥାଏ ।

**ପଞ୍ଚକୋଶ ୟହ ଧର୍ମ ହୈ, କୋଶ**
**ଅଚ୍ଛାଦିତ ଜ୍ଞାନ ।**
**ଆପ କୋଶ ସେ ଅଲଗ ହୈଁ,**
**ଚେତ ଧର୍ମ ୱିଜ୍ଞାନ ।।୫୬।।**

ଭାଷ୍ୟ - ଏହି ପଞ୍ଚ କୋଷଗୁଡ଼ିକର ଧର୍ମରୁ ଆତ୍ମାର ଜ୍ଞାନ ଢାଙ୍କି ହୋଇ ରହିଛି । ସେହି ଆତ୍ମା କୋଷଗୁଡ଼ିକରୁ ଭିନ୍ନ ଅଟେ । ବ୍ରହ୍ମବିଦ୍ୟାର ବିଜ୍ଞାନ ଦ୍ୱାରା ନିଜ ଶୁଦ୍ଧ ଚେତନ ସ୍ୱରୂପକୁ ଜାଣିଥାଏ ।

**ଦେହୀ ଦେହ ସେ ଅଲଗ ହୈ,**
**ଭୂଖ ପ୍ୟାସ ନହିଁ ହୋୟ ।**
**କରତା ଭୋକ୍ତା ଭୂଲ ସେ, ଶୁଦ୍ଧ**
**ସ୍ୱରୂପ ନ ସୋୟ ।।୫୭।।**

ଭାଷ୍ୟ - ଏହି ଦେହର ସ୍ୱାମୀ ଆତ୍ମା ସମଗ୍ର ଦେହ ସଂଘାତରୁ ଭିନ୍ନ ଅଟେ । କ୍ଷୁଧା ତୃଷ୍ଣା ପ୍ରାଣର ଧର୍ମ ଅଟେ । ତାହା ନିଜ ଅଜ୍ଞାନତାରୁ ଏମାନଙ୍କର କର୍ତ୍ତା ଆଉ ଭୋକ୍ତା ବୋଲି ନିଜକୁ ଜାଣେ । ଆତ୍ମାର ଶୁଦ୍ଧ ସ୍ୱରୂପରେ ଏହି ପ୍ରାକୃତିକ ଧର୍ମ ହୋଇ ନ ଥାଏ ।

**ପ୍ରକୃତି ୟୋଗ ମୈଁ ଜ୍ଞାନ ଜୋ,**
**ସୋ ଜାନହୁ ଅଜ୍ଞାନ ।**
**ଜଡ଼ ସଂୟୁତ ଦୁଖ ସୁଖ ରହୈ,**
**ଚେତନ ଧର୍ମ ହୈ ଆନ ।।୫୮।।**

ଭାଷ୍ୟ - ଆତ୍ମାକୁ ଅଜ୍ଞାନ ଅବସ୍ଥାରେ ପ୍ରକୃତି ସମ୍ବନ୍ଧୀୟ ଯେଉଁ ଜ୍ଞାନ ହୋଇଥାଏ, ତାହା ଅଜ୍ଞାନ ଅଟେ । ପ୍ରକୃତିର ସମ୍ବନ୍ଧରୁ ଆତ୍ମାକୁ ଦୁଃଖ ସୁଖାଦି ହୋଇଥାଏ । ତା' ଭିତରେ ଶୁଦ୍ଧ ଜ୍ଞାନ ପ୍ରକଟ ହୋଇପାରେ ନାହିଁ । ଆତ୍ମାର ଶୁଦ୍ଧ ଜ୍ଞାନ ଭିନ୍ନ ଅଟେ, ଯାହା ପ୍ରକୃତି ଆଧାର ଛାଡ଼ି ଗଲାପରେ ଶୁଦ୍ଧ ବ୍ରହ୍ମଙ୍କ ଦିବ୍ୟ ପ୍ରକାଶରେ ପ୍ରାପ୍ତ ହୋଇଥାଏ ।

**ପଞ୍ଚକୋଶ ସେ ପୃଥକ ହୈ,**
**ଚେତନ ଶୁଦ୍ଧ ସ୍ୱରୂପ ।**
**ଅନୁଭଓ୍ୱ ଶବ୍ଦାନନ୍ଦ ହୈ, ଉମଡ଼ତ**
**ଅଗମ ଅନୂପ ।।୫୯।।**

ଭାଷ୍ୟ - ପଞ୍ଚକୋଷ ଠାରୁ ଆତ୍ମାର ଚେତନ ଶୁଦ୍ଧ ସ୍ୱରୂପ ଭିନ୍ନ ଅଟେ, ଯାହା ଦ୍ୱାରା ଉଛୁଳି ପଡୁଥିବା ଅଗମ ଅନୁପମ ଶବ୍ଦାନନ୍ଦର ଅନୁଭବ ପ୍ରାପ୍ତ ହୋଇଥାଏ ।

**ନିଜ ସ୍ୱରୂପ କେ ଜ୍ଞାନ ମୈଁ,**
**ପରଖୋ ଶବ୍ଦ ସ୍ୱରୂପ ।**
**ନବ ଚେତନ ଚେତନ ମିଲୈ,**
**ଚେତନ ଧର୍ମ ଅନୂପ ।।୬୦।।**

ଭାଷ୍ୟ - ନିଜ ସ୍ୱରୂପର ପ୍ରତ୍ୟକ୍ଷ ହେବାପରେ ଶବ୍ଦ ସ୍ୱରୂପ ପରଂବ୍ରହ୍ମଙ୍କୁ ପ୍ରତ୍ୟକ୍ଷ ଦେଖନ୍ତୁ । ତେବେ ଚେତନ ଆତ୍ମାର ଚେତନ ପରଂବ୍ରହ୍ମଙ୍କ ସହିତ ସଂଯୋଗ ହୋଇ ପାରିବ ଓ ଅନୁପମ ଚେତନ ଧର୍ମ ପ୍ରାପ୍ତିହେବ । ଚେତନ ସହିତ ଚେତନର ସମ୍ବନ୍ଧ ହିଁ ଯୋଗ ଅଟେ ଆଉ ତାକୁ ଭକ୍ତି ବୋଲି ମଧ୍ୟ କହିଥାନ୍ତି । ପ୍ରକୃତିର ସମ୍ବନ୍ଧକୁ ଛାଡ଼ି ଶୁଦ୍ଧ ଚେତନ ନିଜ ସ୍ୱରୂପରେ ଆତ୍ମା ସ୍ୱରୂପ ପରଂବ୍ରହ୍ମଙ୍କର ଉପାସନା କରିଥାଏ । ପ୍ରାକୃତିକ ସାଧନଗୁଡ଼ିକ ସହିତ ପରଂବ୍ରହ୍ମଙ୍କ ଉପସନା କଲେ ଆତ୍ମାକୁ ଶୁଦ୍ଧ ଚେତନ ପ୍ରକାଶ ପରମାନନ୍ଦର ପ୍ରାପ୍ତି କଦାପି ହୋଇ ନ ଥାଏ ।

**ଦଶୋ ପ୍ରାଣ ଇସ ଦେହ ମୈଁ,**
**କରେଁ ସକଲ ବ୍ୟଓ୍ୱପାର ।**
**ପଞ୍ଚ ପ୍ରାଣ ଉପ ପ୍ରାଣ ହୈଁ, କର୍ମ ନ**
**ଭେଦ ୱିକାର ।।୬୧।।**

ଭାଷ୍ୟ - ଦଶ ପ୍ରାଣ ଏହି ଶରୀରରେ ନିଜ ନିଜ ସ୍ଥାନମାନଙ୍କରେ ନିଜ ଧର୍ମ ଅନୁସାରେ ସମସ୍ତ ବ୍ୟବହାର କରିଥାନ୍ତି । ପାଞ୍ଚ ପ୍ରାଣ ଆଉ ପାଞ୍ଚ ଉପପ୍ରାଣ ଅଛନ୍ତି ।

**ବ୍ୟାନ ସମାନ ଉଦାନ ହୈ,**
**ଅଓ୍ୱରୋ ପ୍ରାଣ ଅପାନ ।**
**କିରକିଲ କୂର୍ମ ଧନୟ, ନାଗ ଦେଓ୍ୱ**
**ଦତ୍ତ ଜାନ ।।୬୨।।**

ଭାଷ୍ୟ - ପ୍ରାଣ, ଅପାନ, ସମାନ, ବ୍ୟାନ ଆଉ ଉଦାନ - ଏ ସମସ୍ତ ପ୍ରାଣ ଅଟନ୍ତି ଓ କୃକିଳ, ଧନୟ, କୂର୍ମ, ନାଗ ଏବଂ ଦେବଦତ୍ତ - ଏ ପଞ୍ଚ ଉପପ୍ରାଣ ଅଟନ୍ତି ।

**ପ୍ରାଣ ରୂପ ସେ ହୃଦୟ ମୈଁ, ମୂଲହିଁ**
**ଦ୍ୱାର ଅପାନ ।**
**ନାଭୀ ରୂପ ସମାନ ହୈ, କଣ୍ଠହିଁ**
**ରୂପ ଉଦାନ ।।୬୩।।**

ଭାଷ୍ୟ - ହୃଦୟରେ ପ୍ରାଣ, ମୂଳ ଦ୍ୱାରରେ ଅପାନ, ନାଭିରେ ସମାନ ଆଉ କଣ୍ଠରେ ଉଦାନ ବାୟୁ ସ୍ଥିତ ରହିଥାଏ । ଏହି ପଞ୍ଚପ୍ରାଣର ନିଜ ନିଜ ସ୍ଥାନରେ ଅଲଗା ଅଲଗା କାର୍ଯ୍ୟ ରହିଥାଏ ଯାହା ଦ୍ୱାରା ଶରୀରର ପୋଷଣ ହୋଇଥାଏ ।

**ସକଲ ଦେହ ମୈଁ ବ୍ୟାନ ହୈ,**
**ନସ ନାଡ଼ୀ ପୈଠାର ।**
**କୀରିୟା ସର୍ଓ୍ୱ ଶରୀର କୀ, ପ୍ରାଣନ**
**କେର ଅଧାର ।।୬୪।।**

ଭାଷ୍ୟ - ଦେହର ସମସ୍ତ ଶିରା, ପ୍ରଶିରାରେ ବ୍ୟାନ ବାୟୁ ରହିଛି । ଏହି ପ୍ରାଣମାନଙ୍କ ଦ୍ୱାରା ଶରୀରର ସମସ୍ତ କ୍ରିୟା ସମ୍ପାଦିତ ହେଉଛନ୍ତି । ଏଗୁଡ଼ିକର ବିକୃତି ଏବଂ ବିଲୋମ ହେବା ପରେ ଶରୀର ଭିତରେ ଅନେକ ପ୍ରକାରର ବ୍ୟାଧିମାନଙ୍କର ଉପଦ୍ରବ ହୋଇଥାଏ । ସେଥିପାଇଁ ବିବେକୀ ପୁରୁଷ ଏ ବାୟୁମାନଙ୍କର ଜ୍ଞାନ କରି ତଥା ପ୍ରାଣର ସଂଯମ କରି ନୀରୋଗ ଆଉ ଦୀର୍ଘାୟୁ ହୋଇଥାନ୍ତି ।

**ୱିଦ୍ୟା ପ୍ରାଣ ଅପାର ହୈ, ୟୋଗୀ**
**ଜାନତ ଭେଦ ।**
**ରୂପ ପଚାସୀ ପଓ୍ୱନ ହୈ, ୱିୱିଧ**
**କର୍ମ ଗତି ୱେଦ ।।୬୫।।**

ଭାଷ୍ୟ - ପ୍ରାଣ ବିଦ୍ୟା ଅପାର ଅଟେ, ଯାହାର ଭେଦ ଯୋଗୀଜନ ଜାଣନ୍ତି । ପଞ୍ଚାଅଶୀ ପ୍ରକାରର ପବନ ହୋଇଥାନ୍ତି, ଯେଉଁମାନଙ୍କର ବିବିଧ ବ୍ୟବହାର ଆଉ ଗତିମାନଙ୍କର ଜ୍ଞାନ ଅଛି । ଅତଏବ ଏହି ପ୍ରାଣ ବିଦ୍ୟାର ବିଜ୍ଞାନୀ ଯୋଗୀ ହିଁ ଏହାର ରହସ୍ୟ ଭେଦର ପୂର୍ଣ୍ଣ ବେତ୍ତା ହୋଇପାରିବେ ।

**ନୀର ତୋ ଛତିସ ଜାନିୟେ,**
**ପଓ୍ୱନ ପଚାସୀ ଜ୍ଞାନ ।**
**ଦେଓ୍ୱ ସଦାଫଲ ଅଗମ ହୈ,**
**ବ୍ରହ୍ମୱିଦ୍ୟା ୱିଜ୍ଞାନ ।।୬୬।।**

ଭାଷ୍ୟ - ଛତିଶ ପ୍ରକାରର ଜଳ ଏବଂ ପଞ୍ଚାଅଶୀ ପ୍ରକାରର ପବନର ଜ୍ଞାନ ରହିଛି । ବ୍ରହ୍ମବିଦ୍ୟାର ବିଜ୍ଞାନ ଅଗମ୍ୟ ଅଟେ । ସମସ୍ତ ଜ୍ଞାନଗୁଡ଼ିକର ଆଧାର ବ୍ରହ୍ମବିଦ୍ୟା ଅଟେ । ବ୍ରହ୍ମବିଦ୍ୟା ବିଜ୍ଞାନ ଦ୍ୱାରା ଆତ୍ମା ଆଉ ବ୍ରହ୍ମଙ୍କର ଜ୍ଞାନ ଏବଂ ପ୍ରକୃତି-ସ୍ଥିତ ସମସ୍ତ ତତ୍ତ୍ୱର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ । ସେଥିପାଇଁ ବ୍ରହ୍ମକୁ 'ଅଗମ' ବୋଲି କୁହାଯାଇଛି । ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଉର୍ଦ୍ଧ୍ୱରେ ରହି ସାଧନ ହେଉଥିବାରୁ ବ୍ରହ୍ମବିଦ୍ୟା ଦ୍ୱାରା ପ୍ରାପ୍ତ ହେବାକୁ ଥିବା ତତ୍ତ୍ୱକୁ 'ଅଗମ' କୁହାଯାଏ ।

**।। ଇତି ସ୍ୱର୍ବେଦ ଦ୍ୱତୀୟ ମଣ୍ଡଳ,**
**ସପ୍ତମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।**

## ଶୁଭ ନୂଆ ବଛର

**ପ୍ରମୋଦ ଦାଶ**

ଉଦ୍ ଉଦିଆ ନୂଆଁ ପହଁତିଆ
ଶୀତ କର୍ କୁରାର୍ ବେଲେ
ପୁରୁବ୍ ଆକାଶେ ସୁରୁଯ୍ ଦେବ୍ତା
ପରଦା କୁନେ ଶିନ୍ ଲେ ।
କଅଁଳି ମୁହେଁ ମୁରକି ହଁସା
ମୁହୁନୁ ପଡୁଛେ ଖସି
ଶିତ୍ ଥରଥର ସକାଳ୍ ପହରୁ
କାଏଲ୍ ତ ହୋଇଛେ ବାସି ।
ଚାରିଆଡ଼େ ଦେଖ୍ ହେଲ୍ ଚହଲ୍
ଛୁଟୁଛେ ଭାବର ମେଳା
ଯାହାକେ ଦେଖିବ ନୂଆଁ ବଛର୍‌କେ
ମନାସୁଛନ୍ ଶୁଭର୍ ବେଳା ।
ଆଜି ଭାଇ ଦେଖ ନୂଆଁ ବଛର
କାଏଲ୍ ହେବା ଜୁହ୍ନା ଦେଇ
କାଲିର୍ କଥା କାଏଲ୍‌କେ ରଖ
ସବୁ ଦିଅ ମନୁ ଧୁଇ ।
ଶୁଭ ସକାଳ କେ ଖୁସି ମନାବାକେ
ସଦାକର ଶୁଭର ଆଶା
ଧରମ୍ କରମ୍ ଛାଡି ନାଇଁ ଶୁଭୁ କେଭେ
ସମ୍‌କର ପୁରୁ ମନର୍ ଆଶା ।
ଆଜଠାନୁ ଛାଡ ନିସା ଦରବ, ଦୁନିଆ ଦଉଛେ ଉଜାଡି
ଆମର ହାତେ ଅଛେ ଆମର ଭବିଷ୍ୟତ
ସୁଖେ ଦିନ୍ ଯାଉ ଗଡ଼ି ।

## ଟିକିଏ ହସନ୍ତୁ

ଡାକ୍ତର ମଦୁଆକୁ: ତମେ ସେ ଖୋଲା ମ୍ୟାନହୋଲରେ କେମିତି ପଡିଗଲ ?
ମଦୁଆ: ମତେ ସେଇଟା ସୋସିଆଲ ଡିଷ୍ଟାନ୍ସିଂ ପାଇଁ ତିଆରି ହୋଇଥିବା ସର୍କଲ ଭଳି ଦେଖାଗଲା ।
ଆଉ ମୁଁ ତା' ଉପରେ ଠିଆ ହେବାକୁ ଯାଇ ଭିତରେ ପଡିଗଲି ।

× × ×

ବାପା ପୁଅକୁ: ମୋ ଜୋତା ଟିକେ ଆଣିଦେଲୁ ।
ପୁଅ: ଷ୍ଟାଣ୍ଡରୁ ଆଣିବି ତ ? ଗୋଟେ ଆଣିବି ନା ଦୁଇଟା ଯାକ ।
ବାପା: ପ୍ରଥମେ ମୋର ଦୁଇଟାଯାକ ଦରକାର ଥିଲା ।
ହେଲେ ଏବେ ଗୋଟେ ଦରକାର ତୋ ମୁଣ୍ଡ ଠିକ୍ କରିବା ପାଇଁ ।

× × × ×

ବାପା ପୁଅର ପରୀକ୍ଷା ଖାତା ଦେଖି: ଏତେ କମ୍ ମାର୍କ !
ଇଚ୍ଛା ହଉଛି ଜୋରରେ ଗୋଟେ ଚାପୁଡା ମାରିବାକୁ ।



ପୁଅ: ହଁ, ବାପା ମୋର ବି ସେମିତି ଇଚ୍ଛା ହଉଛି । ସେଥିପାଇଁ ଚାଲ ସେ ସାର୍‌ଙ୍କ ଘରକୁ । ମୁଁ ତାଙ୍କ ଘର ଦେଖିଛି ।

× × × ×

ସ୍ତ୍ରୀ: ହନି ମୁଁ କ'ଣ ମୋଟା ?
ସ୍ୱାମୀ: ନା ତୁମେ ତ ପୁରା ସ୍ଲିମ୍‌ଟ୍ରିମ୍ ।
ସ୍ତ୍ରୀ: ମତେ ଭୋକ ଲାଗୁଛି । ଫ୍ରିଜ ପର୍ଯ୍ୟନ୍ତ ମତେ ଉଠେଇ ନେଇଯାଅ ।
ସ୍ୱାମୀ: ନାଇଁ ନାଇଁ ମୁଁ ଫ୍ରିଜ୍ ଉଠେଇ ତୁମ ପାଖକୁ ନେଇ ଆସୁଛି ।

× × × × × ×

ସ୍ୱାମୀ: ଆମେ ସାଙ୍ଗ ହେଇ କରୋନା ଭାଇରସ୍ ସହ ଲଢ଼ିବା ଆଉ ହରାଇବା ବି ।
ସ୍ତ୍ରୀ: ମୁଁ କରୋନା ଭାଇରସ ସହ କାହିଁକି ଲଢ଼ିବି ? ମୁଁ ତୁମ ସହିତ ଲଢ଼ିବି ।
ସବୁଥର ପରି ମୁଁ ଜିତିବି ।

× × × × × ×

ଲକଡାଉନ ଖୋଲିବା ପରେ ସ୍କୁଲ ମିଟିଙ୍ଗ୍ ।
ବ୍ୟକ୍ତି: ମ୍ୟାଡାମ ମୁଁ ସୋନୁର ବାପା ।
ଟିଚର: ହଁ ମୁଁ ଜାଣିଛି । ଅନେକ ଥର ଆପଣଙ୍କୁ ଅନଲାଇନ୍ କ୍ଲାସରେ ପଛରେ ଝାଡୁ ମାରୁଥିବାର ଦେଖିଛି ।

× × × × × ×

ସ୍ତ୍ରୀ: ଅଟା କେଉଁଠୁ ଆଣିଥିଲ ?
ସ୍ୱାମୀ: କାହିଁକି କ'ଣ ହେଲା ?
ସ୍ତ୍ରୀ: ସବୁ ରୁଟି ଜଳି ଯାଇଛି ।

## ସୌନ୍ଦର୍ଯ୍ୟ ରକ୍ଷାରେ ଲେମ୍ବୁ

ହଳଦୀକୁ ବାଟି ଲେମ୍ବୁରସରେ ମିଶାଇ ମୁହଁ ତଥା ସମଗ୍ର ଶରୀରରେ କିଛି ଦିନ ଲଗାଇଲେ ମୁହଁର କଳାଦାଗ ଲିଭିବା ସହିତ ତ୍ୱଚା କୋମଳ ରହେ ।



ଗ୍ଲିସେରିନ୍ ସହ ଲେମ୍ବୁରସ ମିଶାଇ ମୁହଁରେ ମାଲିଶ କଲେ ମୁହଁର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୁଏ । ଏକ ଚାମଚ ଲେମ୍ବୁରସରେ ଏକ ଚାମଚ କଞ୍ଚାକ୍ଷୀର ମିଶାଇ ମୁହଁରେ ମାଲିସ୍ କଲେ ସମସ୍ତ ଦାଗ ଲିଭିଯାଏ । ଗାଧୋଇବାର ଏକଘଣ୍ଟା ପୂର୍ବରୁ ମୁଣ୍ଡରେ ଲେମ୍ବୁରସ ଭଲ ଭାବରେ ଲଗାଇ ମୁଣ୍ଡ ଧୋଇଲେ ମୁଣ୍ଡରୁ ରୁପି ଦୂର ହେବା ସହ କେଶ ଉପୁଡିବା ବନ୍ଦହୁଏ ।

## ବହୁ ଉପକାରୀ ବେଲ

ତୁଳସୀ ଗଛ ଭଳି ବେଲ ଗଛ ମଧ ଏକ ପବିତ୍ର ଗଛ । ଏହି ଗଛରେ ଅନେକ ଔଷଧୀୟ ଗୁଣ ଭରପୁର ରହିଛି । ଏହାର ପତ୍ର, ଫୁଲ ଓ ଚେରରେ ବୀଜାଣୁ ପ୍ରତିରୋଧକ ଶକ୍ତି ରହିଥିବାରୁ ନାନା ପ୍ରକାର ସୁଫଳ ସେଥିରୁ ମିଳୁଛି ।



➚ ବେଲ ପତ୍ରକୁ ଚୋବାଇ ଖାଇଲେ କ୍ଷୁଧା ବୃଦ୍ଧି ଘଟିଥାଏ ।

➚ ବେଲପତ୍ର ରସ ସହ ଗୋଲମରିଚ ମିଶାଇ ଖାଇଲେ ପେଟର ନାନାଦି ଗୋଳମାଳ ଦୂର ହୋଇଥାଏ । କାମଳ ଓ ଜଣ୍ଡିସ୍ ରୋଗ ହୋଇଥିଲେ ବେଲପତ୍ର ସହ ଗୋଲମରିଚ ମିଶାଇ ଖାଇଲେ ଉପକାର ମିଳିଥାଏ ।

## ହଳଦୀର ଉପକାରିତା

**ହ**ଳଦୀ ଶରୀରର ବର୍ଣ୍ଣକୁ ଠିକ୍ କରିବା କାରଣରୁ ଏହାକୁ କାଞ୍ଚନୀ, ବରବର୍ଣ୍ଣିନୀ, ଗୌରୀ, ହେମରାଗିଣୀ, ରୁଦ୍ରବିଳାସିନୀ, ସୌନ୍ଦର୍ଯ୍ୟକାରିଣୀ, ସର୍ବରୋଗ ହାରିଣୀ ବୋଲି କୁହାଯାଇଥାଏ । ସେହିପରି ଏହାକୁ ସ୍ତ୍ରୀ ଲୋକଙ୍କ ସର୍ବଶ୍ରେଷ୍ଠ ଭୂଷଣ ବୋଲି କୁହାଯାଏ ।

➢ ହଳଦୀକୁ ସମ ପରିମାଣର ଚୂନ ସହିତ ସେବନ କଲେ ତରଳ ଝାଡା ସମ୍ପୂର୍ଣ୍ଣ ଭଲ ହୋଇଥାଏ ।

➢ ହଳଦୀ ଓ ହରିଡ଼ାକୁ ଲୁହା ପାତ୍ରରେ ଘୋରି କଣନଖାରେ ଲଗାଇଲେ କଣନଖା ଭଲ ହୋଇଥାଏ ।

➢ ମଧୁମେହ ରୋଗୀ ନିମ୍ବ ଛେଳି ସହ ଶୁଖିଲା ହଳଦୀ କିମ୍ବା କଞ୍ଚା ହଳଦୀ ବାଟି



ଖାଲି ପେଟରେ ପିଇଲେ ମଧୁମେହ ରୋଗରୁ ନିଶ୍ଚିତ ମୁକ୍ତି ମିଳିଥାଏ ।

➢ ହଳଦୀ ଚୂର୍ଣ୍ଣକୁ ପାଣିରେ ଫୁଟାଇ ସେହି ପାଣିକୁ କୁଳି କଲେ ମୁଖ ଦୁର୍ଗନ୍ଧ ଦୂର ହୋଇଥାଏ ।

➢ ଦାନ୍ତଜନିତ ବିଭିନ୍ନ ରୋଗରେ ହଳଦୀ ବେଶ୍ ଉପକାରୀ । ହଳଦୀ ସହ ଜୁଆଣି ଏବଂ ଲବଙ୍ଗ ବାଟି ଗୁଳିକରି ଦାନ୍ତ ମୂଳରେ ରଖିଲେ ଦାନ୍ତବିନ୍ଧା ଭଲ ହୋଇଥାଏ ।

➢ ନିୟମିତ ଏକ ସପ୍ତାହ ପିଲାଙ୍କୁ କଞ୍ଚା ହଳଦୀ ପିଆଇଲେ ସେମାନଙ୍କ କୃମି ଭଲ ହୋଇଥାଏ ।

➢ ଦେହରେ କୁଣ୍ଡିଆ ହୋଇଥିଲେ ତେନ୍ତୁଳିପତ୍ର ଏବଂ ହଳଦୀକୁ ବାଟି ଏକ ସପ୍ତାହ ଦେହରେ ଲଗାଇଲେ ରମ୍ପା, କୁଣ୍ଡିଆ ଆଦି ଭଲ ହୋଇଥାଏ ।

➢ ଲିଭର ବଢ଼ି ପୀଡ଼ା ହେଉଥିଲେ ହଳଦୀକୁ ଦୁଗ୍ଧରେ ସିଝାଇ ଚିନି ମିଶାଇ ସେବନ କଲେ ଲିଭର ଦୋଷ ଭଲ ହୋଇଥାଏ ।

➢ ହଳଦୀ ଗୁଣ୍ଡ ସହିତ ଗୋ ମୂତ୍ର ମିଶାଇ ସେବନ କଲେ ସୋଥ, ବ୍ରଣ, ମଚଳା, କୁଣ୍ଡିଆ ଆଦି ରୋଗରୁ ମୁକ୍ତି ମିଳିଥାଏ ।

➢ ଶରୀରର ଯେ କୌଣସି ସ୍ଥାନରେ କଳାଦାଗ ପାଇଁ ହଳଦୀ ସହିତ ପୋସ୍ତକକୁ ପାଣିରେ ଭିଜାଇ ବାଟି ପ୍ରତ୍ୟହ ଦୁଇମାସ ପର୍ଯ୍ୟନ୍ତ ଲେପ ଦେଲେ କଳାଦାଗ ନଷ୍ଟ ହୋଇଥାଏ ।

➢ ଆଣ୍ଠୁଗଣ୍ଠି ବାତ, ଅଣ୍ଟା ବିନ୍ଧା ପାଇଁ ହଳଦୀ ବଟା ସହିତ ମହୁ ମିଶାଇ ଖାଇଲେ ରୋଗ ଭଲ ହୋଇଥାଏ ।

## ଔଷଧୀୟ ଗୁଣଭରା ଶଜନା ଫୁଲ

**ସୁ**ସ୍ଥ ଓ ନିରାମୟ ରହିବାକୁ ସବୁବେଳେ ନିଜ ଅଞ୍ଚଳର ଆହାର ଖାଇବା ଉତ୍ତମ । ସେ ଫୁଲଟିଏ ହେଉ କି ଫଳଟିଏ ହେଉ, ନିଜ ଅଞ୍ଚଳର ଖାଦ୍ୟ ହିଁ ସବୁଠୁ ଅଧିକ ପୁଷ୍ଟି ଯୋଗାଇଥାଏ । ସେମିତି ଗୋଟାଏ ଅଳ୍ପ ଲୋକପ୍ରିୟ କିନ୍ତୁ ଉତ୍ତମ ଜିନିଷ ହେଉଛି ଶଜନାଫୁଲ । ଶଜନାଫୁଲ କାଲସିୟମ୍, ପଟାସିୟମ ଏବଂ ଲୌହରେ ସମୃଦ୍ଧ ।

ମୁମ୍ବାଇସ୍ଥିତ ଫର୍ଟିସ୍ ହୀରାନନ୍ଦ ହସ୍ପିଟାଲର ମୁଖ୍ୟ ନିଉଟ୍ରିସନିଷ୍ଟ ସ୍ୱାତୀ ଭୂଷଣ ଶଜନା ଫୁଲର ଚମତ୍କାରିତା ସମ୍ପର୍କରେ କିଛି ତଥ୍ୟ ଦେଇଛନ୍ତି ।

ଶଜନା ଫୁଲରେ ଭିଟାମିନ୍ ସି, କେରୋଟେନୋଇଡ୍ସ, ଫ୍ଲେଭୋନୋଇଡ୍ସ,



କ୍ୱେର୍ସିଟିନ୍ ଏବଂ ଟାନିନ୍ସ ଭଳି ଆଣ୍ଟିଅକ୍ସିଡାଣ୍ଟ ଥାଏ । ପ୍ରବାହ ଏବଂ ଜୀବକୋଷ ନଷ୍ଟ କରୁଥିବା କ୍ଷତିକାରକ ତତ୍ତ୍ୱ ବିରୋଧରେ ଏହି ଆଣ୍ଟିଅକ୍ସିଡାଣ୍ଟ ଲଢ଼େଇ କରିଥାଏ । ଟାନିନ୍ସ ରକ୍ତ ଜମାଟ ବାନ୍ଧିବା, ରକ୍ତଚାପ ଓ ଲିପିଡ୍ ସ୍ତର ସ୍ୱାଭାବିକ ରଖେ । କ୍ୱେର୍ସେଟିନ୍ ହୃଦରୋଗ, କର୍କଟ ରୋଗ ପ୍ରତିରୋଧକାରୀ ହେବା ସହ ଗଣ୍ଠିବାତ ଉପଶମ କରିବାରେ ସହାୟକ ହୋଇଥାଏ । ପୁରୁଷ ଓ ନାରୀଙ୍କ ଠାରେ ପ୍ରଜନନ ଦୋଷ ଥିଲେ ତାହା ଶଜନା ଫୁଲ ଦୂର କରିଥାଏ । ଏଥିରେ ଥିବା କେତେକ ପୋଷକ ତତ୍ତ୍ୱ ପ୍ରଜନନ ପ୍ରଣାଳୀକୁ ଶକ୍ତି ଯୋଗାଇ ଅଧିକ କ୍ରିୟାଶୀଳ କରାଇଥାଏ । ଶଜନା ଫୁଲରେ ଥିବା ଉଚ୍ଚ ସାନ୍ଦ୍ରତାସମ୍ପନ୍ନ ପଲିଫେନଲ ଯକୃତକୁ ନଷ୍ଟ ଓ ବିଷକ୍ରିୟାରୁ ସୁରକ୍ଷା ଦିଏ । ଏହା ଯକୃତ କ୍ଷତ ମଧ ଉପଶମ କରେ । ଗଣ୍ଠିବାତ ପାଇଁ ଶଜନା ଫୁଲ ଚକିତ୍ସା ଅତି ଉତ୍ତମ । ଏଥିରେ ଥିବା ଉପାଦାନ ନୂତନ ଓ ପୁରାତନ ଗଣ୍ଠିବାତଜନିତ ଫୁଲା ଉପଶମ କରେ । ଛୁଆମାନଙ୍କୁ ଗୋଳା ଭାବେ ଦିଆ ଯାଉଥିବା ବିଭିନ୍ନ ଶସ୍ୟଗୁଣ୍ଡରେ ଶଜନାଫୁଲ ଗୁଣ୍ଡ ମଧ ଗୋଳାଇ ଖୁଆଇ ହେବ । ଏହା ଛୁଆ ଆବଶ୍ୟକ କରୁଥିବା ପୁଷ୍ଟିସାର, ଚର୍ବି, ଶ୍ୱେତସାର ଏବଂ ଆମିନୋଏସିଡ୍ ଯୋଗାଇଥାଏ । ଶଜନା ଫୁଲରେ ରହିଛି ଅନୁଜୀବ ବିନାଶୀ ଶକ୍ତି । ଏଥିରେ ଭୂତାଣୁ, କବକ ଓ ଶୂକ ନାଶକ ତତ୍ତ୍ୱ ରହିଛି ।

## ଆପଣ ଜାଣନ୍ତି କି ?

➩ ଏ ପର୍ଯ୍ୟନ୍ତ ହୋଇଥିବା ହିସାବରୁ ଜଣାପଡିଛି, ଭାରତରେ ସର୍ବମୋଟ ୧,୫୦,୦୦୦ ଟି ଡାକଘର ଅଛି ।

➩ ଦୈନିକ ଭାରତରେ ୨୦ ଲକ୍ଷ ଯାତ୍ରୀ ରେଳରେ ଯିବା ଆସିବା କରନ୍ତି ।

➩ ତାମିଲନାଡୁରେ ଥିବା ବ୍ରିହଦେଶ୍ୱର ମନ୍ଦିର ହେଉଛି ବିଶ୍ୱର ପ୍ରଥମ ଗ୍ରାନାଇଟ୍‌ର ନିର୍ମିତ ମନ୍ଦିର ।

➩ ୨୫୦୦ ବର୍ଷ ପୂର୍ବେ ଔଷଧର ପିତା ଭାବେ ପରିଚିତ ଚରକ ଭାରତରେ ଏହାର ବ୍ୟବହାର ଆରମ୍ଭ କରିଥିଲେ ।

➩ ୫,୦୦୦ ବର୍ଷ ପୂର୍ବେ ଭାରତରେ ଯୋଗ ଆରମ୍ଭ ହୋଇଥିଲା ।

➩ ୧୯୮୬ ପର୍ଯ୍ୟନ୍ତ ସରକାରୀ ଭାବେ କେବଳ ଭାରତରେ ହିଁ ହୀରା ସଂଗ୍ରହ କରାଯାଉଥିଲା ।

➩ ଭାରତରେ ପ୍ରତ୍ୟେକ ବର୍ଷ ୧୨ ନିୟୁତ ଟନ୍ ଆମ୍ବ ଉତ୍ପାଦିତ ହୁଏ ।

➩ ଦଶମ ଶତାବ୍ଦୀରେ ତିରୁପତିଠାରେ ନିର୍ମିତ ବିଷ୍ଣୁ ମନ୍ଦିର ବିଶ୍ୱର ସର୍ବବୃହତ୍ ତୀର୍ଥସ୍ଥଳୀ । ରୋମ ଓ ମକ୍କା ତୁଳନାରେ ବି ଏଠାରେ ସର୍ବାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ପ୍ରତିଦିନ ଏହି ମନ୍ଦିରକୁ ହାରାହାରି ୩୦,୦୦୦ ପର୍ଯ୍ୟଟକ ଆସିବା ସହିତ ମନ୍ଦିରକୁ ପ୍ରାୟ ୬ ମିଲିଅନ ଡଲାର ମୂଲ୍ୟର ଦାନ ମିଳିଥାଏ ।

➩ ପଞ୍ଜାବର ପବିତ୍ର ସହର ଅମୃତସରରେ ଶିଖ୍ ଧର୍ମର ଉଦ୍ଭବ ହୋଇଥିଲା ବୋଲି କୁହାଯାଏ । ୧୫୭୭ ଖ୍ରୀଷ୍ଟାବ୍ଦରେ ଏହି ସହର ସ୍ଥାପିତ ହୋଇଥିଲା ।

## ଘରୋଇ ଉପାୟରେ ମଧୁମେହ ନିୟନ୍ତ୍ରଣ

**ଦେ**ଶରେ ମଧୁମେହ ରୋଗୀର ସଂଖ୍ୟା ଦିନକୁ ଦିନ ବି ଏବେ ବିପଦର ଘଣ୍ଟି ପରି ଅନୁଭୂତ ହେଲାଣି । ଏବେ ସମୟ ଆସିଛି ଏହି ଭୟଙ୍କର ରୋଗରୁ ନିଜକୁ ଦୂରେଇ ରଖିବାର । ଚିକିତ୍ସା ମାଧମରେ ମଧୁମେହ ସମ୍ପୂର୍ଣ୍ଣ ଭଲ ହେବା କଷ୍ଟକର କିନ୍ତୁ ଡାକ୍ତରୀ ଓ କିଛି ଘରୋଇ ଚିକିତ୍ସାର ନିୟମିତ ସଠିକ୍ ଆବଲମ୍ବନ ଦ୍ୱାରା ରୋଗର ନିୟନ୍ତ୍ରଣ ନିଶ୍ଚିତ କରିପାରିବେ । ଅଁଳାରେ



ଭିଟାମିନ୍ ସି' ରହିଛି ଯାହା ପାନକ୍ରିଆରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରି ଏହାକୁ ଅଧିକ କାର୍ଯ୍ୟକ୍ଷମ କରାଏ । କିଛି ଅଁଳାକୁ ଭଲ ଭାବେ ଗ୍ରାଇଣ୍ଡିଂ କରି ଦୁଇ ଚାମଚ ରସକୁ ଏକ ଗ୍ଲାସ ପାଣି ଗୋଳାଇ ଖାଲି ପେଟରେ ପିଇପାରିବେ । ତୁଳସୀରେ ପ୍ରଚୁର ପରିମାଣର ଆଣ୍ଟିଅକ୍ସିଡାଣ୍ଟ ରହିଛି । ଯାହା ଖାଇବା ଦ୍ୱାରା ରକ୍ତରେ ଶର୍କରାର ମାତ୍ରାକୁ କମ୍ କରେ । ପ୍ରତିଦିନ ଖାଲି ପେଟରେ କିଛି ତୁଳସୀ ପତ୍ର ଚୋବାଇ ଖାଇବା ଦ୍ୱାରା ମଧୁମେହରେ ନିୟନ୍ତ୍ରଣ ରହେ । ପ୍ରାଚୀନ କାଳରୁ ଡାଲଚିନିର ପ୍ରୟୋଗ ଔଷଧ ଓ ରୋଷେଇର ମସଲା ପ୍ରସ୍ତୁତିରେ ହୋଇ ଆସୁଛି । ତେବେ ଡାଲଚିନିର ମଧୁମେହ ରୋଗୀଙ୍କ ପାଇଁ ମଧ ଖୁବ୍ ଲାଭପ୍ରଦ ହୁଏ । ଏହା ମଧ ରକ୍ତରେ ଶର୍କରାର ମାତ୍ରା ବଢ଼ିଲେ ତାହାକୁ କମ୍ କରାଏ । ପ୍ରତିଦିନର ଖାଦ୍ୟ ପ୍ରସ୍ତୁତିରେ କିଛି ଡାଲଚିନିର ବ୍ୟବହାର କରନ୍ତୁ । ଅଧଗ୍ଲାସ ସଜନା ଶାଗର ରସକୁ ସକାଳେ ଖାଲି ପେଟରେ ପିଇବା ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ । ନିମ୍ବ ପତ୍ରର ରସକୁ ଖାଲି ପେଟରେ ପିଇବା ଦ୍ୱାରା ଏହା ରକ୍ତରେ ଶର୍କରା ମାତ୍ରାର ନିୟନ୍ତ୍ରଣ ରଖେ ।

## କହିପାରିବେ କି ?

(୧) ନିକଟରେ କେଉଁ ଇନଷ୍ଟିଚ୍ୟୁଟ୍ ଜାନୁଆରି ୧୦ ତାରିଖରେ ଏକାସଙ୍ଗରେ ୩୧ ଟି ଉପଗ୍ରହ ପ୍ରେରଣ କରିଥିଲା ?

(୨) କେଉଁ ଗ୍ୟାସ୍ ଏସିଡ୍ ବର୍ଷାର କାରଣ ହୋଇଥାଏ ?

(୩) ମାଇକ୍ରୋଚିପ୍ସ ନିର୍ମାଣ ବେଳେ କେଉଁ ମେଟାଲର ଆବଶ୍ୟକ ହୋଇଥାଏ ?

(୪) ରେନ୍ କୋଟ୍ ପ୍ରସ୍ତୁତିରେ କେଉଁ କେମିକାଲ୍ ବ୍ୟବହୃତ ହୋଇଥାଏ ?

(୫) ଥାୟାମିନ୍‌ର ଅନ୍ୟ ନାଁ କ'ଣ ?

(୬) କେଉଁ କେମିକାଲ୍‌କୁ ଚିଲି ସଲ୍ଟ ପିଟର କୁହାଯାଏ ?

(୭) ମାର୍ସ ଗ୍ୟାସ୍ କ'ଣ ?

(୮) ଚାଇନିଜ୍ ଲୁଣର କେମିକାଲ ନାଁ କ'ଣ ?

(୯) ଭିଟାମିନ୍ 'ଇ'ର କେମିକାଲ ନାମ କ'ଣ ?

(୧୦) କେଉଁ ଭିଟାମିନ୍ ରେଟିନୋଲ୍ ନାମରେ ପରିଚିତ ?

**JUMBLE WORDS**

| | | | |
|---|---|---|---|
| 1) WHSIS | = | 6) PZTAO | = |
| 2) ODMME | = | 7) NOIWDW | = |
| 3) RZLDIA | = | 8) ONBTEN | = |
| 4) EGRALR | = | 9) RAEWF | = |
| 5) LEYID | = | 10) SACEE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଗ୍ରାଫାଇଟ୍, ୨.$H_2O$, ୩.ହାଇଡ୍ରୋଜେନ୍, ୪.ଆଲୋଟ୍ରପସ୍, ୫.ସ୍କୃଷି ସାର, ୬.ଭାରତର ପ୍ରଧାନମନ୍ତ୍ରୀ, ୭.କଟକ, ୮.ବିକ୍ରମ ସାରାଭାଇ, ୯.ଚେନ୍ନାଇ, ୧୦.ବିର୍ଲା ପ୍ଲାନିଟରିୟମ୍, କଲିକତା ।

***Jumble Words*** ର ଉତ୍ତର **:-**

(1) SCULPT (2) SLEIGH (3) TIGER (4) CRIMP (5) SQUALL (6) RESUME (7) FRAME (8) GOING (9) FUSION (10) CREAMY.

## କଦଳୀ ଖାଇଲେ ବଢ଼ିବ ସ୍ୱପ୍ନ ସ୍ମରଣଶକ୍ତି


**ବୈ**ଜ୍ଞାନିକମାନେ ଦାବି କରିଛନ୍ତି ଯେ, ମାଛ, କଦଳୀ, କାବୁଲି ଚଣା ଭଳି କେତେକ ଖାଦ୍ୟ ନିୟମିତ ଖାଇଲେ ଜଣକର ସ୍ୱପ୍ନ ମନେପକାଇବାର କ୍ଷମତା ବୃଦ୍ଧି ପାଇଥାଏ । କାରଣ ଏସବୁ ଖାଦ୍ୟ ପଦାର୍ଥରେ ଭିଟାମିନ୍ ବି-୬ ଅଧିକ ପରିମାଣରେ ରହିଥାଏ । ଭିଟାମିନ୍ ବି-୬ କୁ ପିରିଡକ୍ସିନ ମଧ କୁହାଯାଏ । ପ୍ରୋଟିନ ଓ କାର୍ବୋହାଇଡ୍ରେଟରୁ ଶକ୍ତି ବାହାର କରି ତା'କୁ ବ୍ୟବହାର ଏବଂ ସଂରକ୍ଷଣ କରିବାରେ ଏହା ଶରୀରକୁ ସହାୟତା କରିଥାଏ । ସେହିପରି ରକ୍ତ କୋଷିକାର ଗଠନରେ ବି ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଏହି ଭିଟାମିନ୍ ଥିବା ଖାଦ୍ୟ ପଦାର୍ଥକୁ ଯଦି ଜଣେ ଅତି କମରେ ପାଞ୍ଚ ଦିନ ପାଇଁ ନିୟମିତ ଖାଇବ, ତାହେଲେ ତା'ର ସ୍ୱପ୍ନ ମନେ ପକାଇବାର



ଶକ୍ତିରେ ୬୪% ବୃଦ୍ଧି ପରିଲକ୍ଷିତ ହେବ । ଆଡେଲେଡ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏ ପ୍ରକାର ଦାବି କରିଛନ୍ତି । ଗବେଷକ ଦଳର ନେତୃତ୍ୱ ନେଉଥିବା ଡକ୍ଟର ଡେନହୋଲମ ଆସପି କହିଛନ୍ତି ଯେ, ଜଣେ ମଣିଷ ତା' ଜୀବନର ପ୍ରାୟ ୬ ବର୍ଷ କେବଳ ସ୍ୱପ୍ନ ଦେଖିବାରେ ବିତାଇ ଦେଇଥାଏ । କିନ୍ତୁ ମଣିଷ ଅନେକ ସ୍ୱପ୍ନ ଭୁଲି ଯାଇଥାଏ । ଯଦି ସେ ସ୍ୱପ୍ନକୁ ମନେ ରଖିପାରିବ ତାହେଲେ ତା'ର ଅନେକ ପ୍ରକାର ସମସ୍ୟା ଓ ମାନସିକ ଚିନ୍ତା ଦୂର ହୋଇ ଯାଇପାରିବ । ଏମିତିକି ସ୍ୱପ୍ନ ସ୍ମରଣ କରିପାରିଲେ ଜଣକର ଗାଡ଼ି ଚାଳନା ସହ ଅନ୍ୟ କେତେକ ଦକ୍ଷତା ବୃଦ୍ଧି ପାଇଥାଏ । ଏଣୁ ସାଧାରଣ ଲୋକେ ଏପରି ଶକ୍ତି ବିକଶିତ କରିବାକୁ ଚାହୁଁଥିଲେ ଭିଟାମିନ୍ ବି-୬ ରେ ପରିପୂର୍ଣ୍ଣ ଉପରୋକ୍ତ ଖାଦ୍ୟ ପଦାର୍ଥ ସୁବ ନିୟମିତ ଖାଇବା ଦରକାର ।




# ନରେନ୍ଦ୍ର ମୋଦୀ ସବୁଠାରୁ ଲୋକପ୍ରିୟ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଦେଶ ସ୍ୱାଧୀନ ହେବା ପରେ ଯେତେ ଜଣ ପ୍ରଧାନମନ୍ତ୍ରୀ ରହିଛନ୍ତି ସେମାନଙ୍କ ମଧ୍ୟରେ ନରେନ୍ଦ୍ର ମୋଦୀ ହିଁ ଦକ୍ଷ ଏବଂ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ବୋଲି ଜନତା ମତ ଦେଇଛନ୍ତି । ଏ ସମ୍ପର୍କରେ ଇଣ୍ଡିଆ ଟୁଡେ ଏବଂ ସି ଭୋଟର୍ସ ପକ୍ଷରୁ 'ମୁଡ୍ ଅଫ ନେସନ୍' କାର୍ଯ୍ୟକ୍ରମ ମାଧ୍ୟମରେ ସର୍ଭେ କରାଯାଇଥିଲା ବେଳେ ସର୍ବାଧିକ ଲୋକ ମୋଦୀଙ୍କୁ ହିଁ ସବୁଠୁ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ଭାବେ ଶ୍ରେୟ ଦେଇଛନ୍ତି । ବର୍ତ୍ତମାନ ଦେଶ ଏବଂ ବିଦେଶରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଛବି ଅଧିକରୁ ଅଧିକ ଲୋକପ୍ରିୟ ହୋଇଛି । ବିଶ୍ୱର ବିଭିନ୍ନ ମଞ୍ଚରେ ମଧ ତାଙ୍କର କର୍ତ୍ତୃତ୍ୱ ବଢ଼ିଛି । ଯାହାକୁ ନେଇ ଆନ୍ତର୍ଜାତିକ ସ୍ତରରେ ଭାରତର ଛବି ମଧ ବଦଳିଛି । ତେବେ ଦେଶ ସ୍ୱାଧୀନ ହେବା ପରଠାରୁ ଯେତେ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିଭାଇଛନ୍ତି ସେମାନଙ୍କ ମଧ୍ୟରେ ମୋଦୀଙ୍କ ସ୍ଥାନ ସବୁଠୁ ଉଚ୍ଚରେ ରହିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି । ଏହି ସର୍ଭେରେ ୪୭ ପ୍ରତିଶତରୁ ଅଧିକ ଲୋକ ମୋଦୀଙ୍କୁ ସବୁଠାରୁ ପ୍ରତିଭାବାନ ସମ୍ପନ୍ନ ପ୍ରଧାନମନ୍ତ୍ରୀ ଭାବେ ମତ ଦେଇଛନ୍ତି । ସେହିପରି ଅଟଳ ବିହାରୀ ବାଜପେୟୀଙ୍କୁ ୧୬ ପ୍ରତିଶତ ଲୋକ ଉତ୍ତମ ପ୍ରଧାନମନ୍ତ୍ରୀ ଭାବେ ମତ (ଦେଇଥିଲା ବେଳେ ଇନ୍ଦିରା ଗାନ୍ଧୀଙ୍କୁ ୧୨ ପ୍ରତିଶତ ଲୋକ ଉତ୍ତମ ପ୍ରଧାନମନ୍ତ୍ରୀ ଭାବେ ସମର୍ଥନ କରିଛନ୍ତି । କିନ୍ତୁ ପ୍ରାୟ ୧୦ ବର୍ଷ ପ୍ରଧାନମନ୍ତ୍ରୀ ରହିଥିବା ଡକ୍ଟର ମନମୋହନ ସିଂଙ୍କ ସପକ୍ଷରେ ମାତ୍ର ୮ ପ୍ରତିଶତ ଲୋକ ସମର୍ଥନ କରିଛନ୍ତି । ହେଲେ ସବୁଠୁ ତଳେ ରହିଛନ୍ତି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ । ତାଙ୍କ ସପକ୍ଷରେ ମାତ୍ର ୪ ପ୍ରତିଶତ ଲୋକ ଭୋଟ ଦେଇ ତାଙ୍କୁ ଜଣେ ଉତ୍ତମ ପ୍ରଧାନମନ୍ତ୍ରୀ ଭାବେ ଅଭିହିତ କରିଛନ୍ତି । ଅନ୍ୟପକ୍ଷରେ ମୋଦୀଙ୍କ ପରେ ତାଙ୍କ ଉତ୍ତରାଧିକାରୀ କିଏ ହେବ ବୋଲି ସର୍ଭେ କରାଯାଇଥିଲା । ଏଥିରେ ସର୍ବାଧିକ ଲୋକ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସପକ୍ଷରେ ମତ ଦେଇଛନ୍ତି । ମୋଦୀଙ୍କ ପରେ ଶ୍ରୀ ଶାହା ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ଉଚିତ ବୋଲି ୨୬ ପ୍ରତିଶତ ଲୋକ ମତ ଦେଇଥିଲା ବେଳେ ତାଙ୍କ ପଛକୁ ୨୫ ପ୍ରତିଶତ ଲୋକ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସପକ୍ଷରେ ସର୍ବାଧିକ ସମର୍ଥନ ଦେଇଛନ୍ତି । ସେହିପରି ୧୬ ପ୍ରତିଶତ ଲୋକ ବିଜେପି ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀଙ୍କ ସପକ୍ଷରେ ମତ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଅଗଷ୍ଟରୁ ୨୦୨୩ ଜାନୁଆରୀ ମଧ୍ୟରେ ଏହି ସର୍ଭେ କରାଯାଇଥିଲା ।

# ବୀର ପୁତ୍ରଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ପାଠ୍ୟପୁସ୍ତକରେ ସ୍ଥାନିତ ହେବ: ଧର୍ମେନ୍ଦ୍ର ପ୍ରଧାନ







ସମ୍ବଲପୁର: ଏନସିଇଆରଟି ପାଠ୍ୟପୁସ୍ତକରେ ବୀର ସୁରେନ୍ଦ୍ର ସାଏଙ୍କ ଭଳି ବୀରପୁତ୍ରଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ସ୍ଥାନ ଦେବା ପାଇଁ କାର୍ଯ୍ୟ ହେଉଛି ବୋଲି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । 'ପରାକ୍ରମ ଦିବସ' ଅବସରରେ ଆଇ.ଆଇ.ଏମ ସମ୍ବଲପୁର ଏବଂ ଆଇସିଏଚଆର୍ ଦ୍ୱାରା ଆୟୋଜିତ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାର ଅନାଲୋଚିତ ଇତିହାସକୁ ଦିଲ୍ଲୀ ଏବଂ ବିଶ୍ୱ ଦରବାରରେ ପହଞ୍ଚାଇବାର ସମୟ ଆସିଯାଇଛି । ସଂଗୋଷ୍ଠୀ 'ସ୍ୱାଧୀନତାର ପ୍ରେରଣା ଗାଥା' ପରାକ୍ରମ ଦିବସ ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସ୍ୱତନ୍ତ୍ରତା ସଂଗ୍ରାମୀଙ୍କ ଦାୟାଦ ମାନଙ୍କୁ ମଧ ସମ୍ମାନିତ କରିଥିଲେ । ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେବ ପ୍ରସାଦ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଦ୍ମଶ୍ରୀ ହଳଧର ନାଗ ରାଜ୍ୟ ବିରୋଧୀ ଦଳ ନେତା, ବିଧାୟକ ଜୟନାରାୟଣ ମିଶ୍ର, ଆଇସିଏଚଆରର ଅଧକ୍ଷ ପ୍ରଫେସର ରଘୁବେନ୍ଦ୍ର ତନୱାର ପ୍ରମୁଖ ଭାଷଣ ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧରେ ସମ୍ବଲପୁର ଏମ୍.ପି ନିତୀଶ ଗଙ୍ଗଦେଓ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଳ ପ୍ରମୁଖ ମଞ୍ଚାସୀନ ଥିଲେ ।

## ଆଇ.ଆଇ.ଏମ୍ ପକ୍ଷରୁ ପରାକ୍ରମ ଦିବସ

ପୂର୍ବରୁ ମନ୍ତ୍ରୀ ଶ୍ରୀ ପ୍ରଧାନ ପରାକ୍ରମ ଦିବସ ଅବସରରେ ଆଇଆଇଏମ ଏବଂ ଆଇସିଏଚଆର ଦ୍ୱାରା ଆୟୋଜିତ ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସଂଗ୍ରାମୀ ମାନଙ୍କ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସ୍କୁଲରେ 'ଏଗଜାମ ୱାରିୟର୍ସ' କଥାବସ୍ତୁ ଉପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନଙ୍କର କଳା ପ୍ରତିଭା ଦେଖି ଖୁସିବ୍ୟକ୍ତ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ "ଏଗଜାମ ୱାରିୟର୍ସ" ପ୍ରଦାନ କରିଥିଲେ । ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡାରେ ଆୟୋଜିତ 'ପଦଯାତ୍ରା'ରେ ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ସାମିଲ ହୋଇଥିଲେ ।

## ନୃସିଂହ ଗୁରୁଙ୍କ ଦାୟାଦ ବାମନ ଚରଣ ଗୁରୁ ସମ୍ବର୍ଦ୍ଧିତ

ସମ୍ବଲପୁର : 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ନାତି ବାମନ ଚରଣ ଗୁରୁଙ୍କୁ ପରାକ୍ରମ ଦିବସ ଅବସରରେ ଆଇଆଇଏମ୍ ପକ୍ଷରୁ ଆୟୋଜିତ ଏକ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେଓ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପଦ୍ମଶ୍ରୀ ହଳଧର ନାଗ ଓ ଜିତେନ୍ଦ୍ର ହରିପାଳ, ସମ୍ବଲପୁର ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ ।



# ଆକାଶବାଣୀ ସମ୍ବଲପୁର ଆଞ୍ଚଳିକ ସମ୍ବାଦ ବିଭାଗର ପ୍ରତିଷ୍ଠା ଦିବସ







ସମ୍ବଲପୁର: ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଆଞ୍ଚଳିକ ସମ୍ବାଦ ବିଭାଗର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆକାଶବାଣୀ ପରିସରରେ ସମ୍ବାଦ ବିଭାଗର ମୁଖ୍ୟ ଡକ୍ଟର ସତ୍ୟନାରାୟଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଯାନ୍ତ୍ରିକ ମୁଖ୍ୟ ରମେଶ ଚନ୍ଦ୍ର ଭୋଇ ଏବଂ କାର୍ଯ୍ୟକ୍ରମ ମୁଖ୍ୟ ମନୋଜ ପୂଜାରୀଙ୍କ ସହ ଆଞ୍ଚଳିକ ସମ୍ବାଦ ବିଭାଗ ସହିତ ଜଡ଼ିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଭାରତୀୟ ସୂଚନା ସେବାର ଅବସରପ୍ରାପ୍ତ ଉପ-ନିର୍ଦ୍ଦେଶକ ବସନ୍ତ କୁମାର ମାଝୀ, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏବଂ ଶିବଶଙ୍କର ନନ୍ଦ ସମ୍ବଲପୁରୀ ଆଞ୍ଚଳିକ ସମ୍ବାଦର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ଆଞ୍ଚଳିକ ସମ୍ବାଦ ବିଭାଗର ଆରମ୍ଭ ଓ କ୍ରମବିକାଶ ବିଷୟରେ କ୍ଷେତ୍ରମଣି ବିଭାର ଆଲୋକପାତ କରିଥିଲେ । ଏହି ଅବସରରେ ସମ୍ବାଦ ପାଠକ ଭାରତ ଗୌରବ ଦାଶ ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତି ସହାୟିକା ତେଜଶ୍ରୀ ମିଶ୍ର, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ, କେନ୍ଦ୍ରର ବରିଷ୍ଠ କର୍ମଚାରୀ ଜଗନ୍ନାଥ କୁଅଁର ପ୍ରମୁଖ ଯୋଗ ଦେଇ ଅନୁଭୂତି ଏବଂ ଭବିଷ୍ୟତ ରୂପରେଖ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ରାମନାରାୟଣ ବେହେରା, ସନ୍ତୋଷ କୁମାର ବିଶ୍ୱାଳ, ଆକାଶ କୁମାର ମହାପାତ୍ର, ତର୍ପଣ ପ୍ରଧାନ, ବିଭୂତି ଭୂଷଣ ବିଶ୍ୱାଳ, ସୁପ୍ରୀତି ମିଶ୍ର, ସୁନୀତା ପଣ୍ଡା, ସନ୍ଧ୍ୟା ରାୟ, ମାନସୀ ନନ୍ଦ, କୃତାଞ୍ଜଳି ତ୍ରିପାଠୀ, ଶିବଦୟାଲ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।





## ପଦ୍ମଶ୍ରୀ ପାଇଁ ଡକ୍ଟର କ୍ରିଷ୍ଣା ପଟେଲ ମନୋନୀତ

ସମ୍ବଲପୁର : ରଙ୍ଗବତୀ ଗୀତର ପ୍ରସିଦ୍ଧ ଗାୟିକା ଡକ୍ଟର କ୍ରିଷ୍ଣା ପଟେଲ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ ଏହା ଘୋଷଣା କରାଯାଇଛି । ଆଜୀବନ ଅବିବାହିତ ହୋଇ ଆଜି ଯାଏ ଲୋକ ସଂଗୀତ ସାଧନାରେ ନିଜକୁ ସମର୍ପି ଦେଇ ଆସିଛନ୍ତି କ୍ରିଷ୍ଣା । ୭୨ ବର୍ଷୀୟା କ୍ରୀଷ୍ଣା ଜୀବନର ପରିଣତ ବୟସରେ ବି ଲୋକସଂଗୀତର ଯାଦୁରେ ଲୋକଙ୍କୁ ବିମୋହିତ କରି ଆସୁଛନ୍ତି । ଏହା ପୂର୍ବରୁ ରଙ୍ଗବତୀ ଗୀତର ଅନ୍ୟତମ ଗାୟକ ଜିତେନ୍ଦ୍ର ହରିପାଲ ଏବଂ ଏହାର ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କୁ ପଦ୍ମଶ୍ରୀ ମିଳିସାରିଛି । ତାଙ୍କୁ ଯେତେବେଳେ ମାତ୍ର ୨୭ ବର୍ଷ ବୟସ ହେଉଥିଲା ସେହି ସମୟରେ କୋଲକାତାର ଏନର୍କୋ କଂପାନିରେ ପ୍ରସିଦ୍ଧ ଗୀତ ରଙ୍ଗବତୀ ରେକର୍ଡ଼ି ହୋଇଥିଲା । ଆଉ ଏହି ଗୀତ ହିଁ ତାଙ୍କୁ ରାତାରାତି ସାରା ଦୁନିଆଁରେ ପରିଚୟ ଦେଇଥିଲା । 'ରଙ୍ଗବତୀ' ପରେ 'ଆହାରେ ଲରି ମଟର...,' 'ରସରକେଲି ବୋ...,' 'ରାଧା ନନି ଲହରମନିରେ ଗେଲେହି ମୋର...' ଆଦି ଆଦି ହଜାର ହଜାର ଲୋକପ୍ରିୟ ଗୀତ ସମେତ ବହୁ ସମ୍ବଲପୁରୀ ଏବଂ ଓଡିଆ ଭଜନରେ ସେ କଣ୍ଠଦାନ କରି ପ୍ରଶଂସା ସାଉଁଟି ଆସିଛନ୍ତି । ଆଜି ସୁଦ୍ଧା ଦେଶ ତଥା ବିଦେଶରେ ଅନେକ ସମ୍ମାନର ଅଧିକାରିଣୀ ହୋଇସାରିଥିବା କ୍ରିଷ୍ଣାଙ୍କୁ କିଛି ବର୍ଷ ତଳେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ବି ମିଳିଛି ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra